### କାର ସହ ୭ ମେଣ୍ଢା ଜବତ, ୨ ଅଟକ

କଣ୍ଟାପଡ଼ା, (ଡି.ଏନ୍.ଏ.)- ଗୋବିନ୍ଦପୁର ଥାନା ଅଧୀନ ନୂଆଗାଁ ଗ୍ରାମରୁ ମଙ୍ଗଳବାର ରାତିରେ ପୋଲିସ ଏକ କାର ସହ ୭ଟି ମେଣ୍ଢାଙ୍କୁ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। କଟକ ସଦର ଥାନା ଅନ୍ତର୍ଗତ କୋରକୋରା ପଞ୍ଚାୟତ ଏଗୁଆସାହିର ସୁଧାକର ବେହେରାଙ୍କ ଗୁହାଳରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ୭ଟି ମେଣ୍ଢା ଚୋରିକରି କାର୍‌ରେ ଭର୍ତ୍ତି କରିଥିଲେ। ସେଠାରୁ ଆସି ଗୋବିନ୍ଦପୁର ଥାନା ନୂଆଗାଁ ଗ୍ରାମର ମନୋରଞ୍ଜନ ବେହେରାଙ୍କ ଗୁହାଳ ନିକଟରେ ଛିଡ଼ା ହୋଇଥିଲେ। ଏତିକିବେଳେ ପାଟ୍ରୋଲିଂ କରୁଥିବା ପୋଲିସ ସେଠାରେ ଅଟକିଥିଲା। ସେମାନଙ୍କ ମଧ୍ୟରୁ ୩ଜଣ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବାବେଳେ ପୋଲିସ ୨ ଜଣଙ୍କୁ କାବୁ କରିଥିଲା।

## ସଂକ୍ଷେପରେ

### ଜନଶୁଣାଣି ଶିବିର

କଟକ ଅଫିସ,୭।୧୨- କଟକ ଟାଉନ୍‌ହଲରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଜନଶୁଣାଣି ଶିବିରବୁଧବାର ଅନୁଷ୍ଠିତ ହୋଇଥିଲା। 'ଲାଇଫ୍' ସଂସ୍ଥା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସାମାଜିକ ସମୀକ୍ଷକ ରାମେଶ୍ୱର ସାହୁ ଓ ବଂଶୀଧର ଷଡଙ୍ଗୀ ଯୋଗଦେଇ ହିତାଧିକାରୀଙ୍କର ସୁବିଧା ଅସୁବିଧା ସଂକ୍ରାନ୍ତରେ ଶୁଣାଣି କରିଥିଲେ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଧିବଦ୍ଧ ବ୍ୟବସ୍ଥା କରାଯାଇଥିଲା। ଏହି ଶିବିରରେ କର୍ପୋରେଟର ଅରୁନ୍ଧତି କର, ଆରତି ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ପୁଷ୍ପିତା ମହାନ୍ତି, ରୀତାଞ୍ଜଳି ବେହେରା ଓ ପ୍ରିୟମ୍ବଦା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସିଟି ଲେଭଲ ଟେକ୍ନିକାଲ ସେଲ୍ ପ୍ରଫେସ୍‌ନାଲ(ସିଏଲ୍‌ଟିସି) ବିଶେଷଜ୍ଞ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏଲ୍ଆଇସି ଏଜେଣ୍ଟ ଆସୋସିଏଶନ ବାର୍ଷିକୋତ୍ସବ

କଟକ ଅଫିସ, ୭।୧୨: ଏଲ୍ଆଇସି ଏଜେଣ୍ଟ ଆସୋସିଏଶନ କଟକ ଶାଖା-୧ର ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ ହଲ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଭୁଦତ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶାଖା ମ୍ୟାନେଜର ଶରତ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ସମ୍ପାଦକ ପ୍ରଭାତ କୁମାର ମହାପାତ୍ର ବାର୍ଷିକ ବିବରଣୀ, କୋଷାଧ୍ୟକ୍ଷ ଜଗନ୍ନାଥ ପଣ୍ଡା ବାର୍ଷିକ ଆୟବ୍ୟୟ ହିସାବ ଦେଇଥିଲେ। ଶିବ ମହାପାତ୍ର ଓ ଜ୍ୟୋତ୍ସ୍ନା ପରିଡ଼ା ମଞ୍ଚ ପରିଚାଳନା, ଡିଭିଜନ କାଉନସିଲ୍ ସେକ୍ରେଟାରୀ ଜ୍ଞାନ ରଞ୍ଜନ ମିଶ୍ର, ଭାଇସ୍ ପ୍ରେସିଡେଣ୍ଟ ଦେବେନ୍ଦ୍ର କୁମାର ମୁଦୁଲି, ଭାରତ ରଞ୍ଜନ ଆଚାର୍ଯ୍ୟ, ନାରାୟଣ ସାହୁ, ଅଞ୍ଜନ ନାୟକ, କିରଣ ପଟ୍ଟନାୟକ, ରାଜେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହେନ୍ଦ୍ର ପ୍ରହରାଜ ଧନ୍ୟବାଦ ଦେଇଥିଲେ।

### ନିଆଳି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ତୃତୀୟ ଦିନରେ ଧାରଣା ସାମିଲ ହେଲେ ୨ ବିଧାୟକ

ନିଆଳି, ୭।୧୨(ଡି.ଏନ୍.ଏ.)- ନିଆଳି ବ୍ଲକ ଅଞ୍ଚଳରେ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା, ଭାଜପା ସମର୍ଥିତ ସରପଞ୍ଚମାନଙ୍କୁ ଅଣଦେଖା ଭଳି ୮ ଦଫା ଦାବିନେଇ ଭାଜପା ପକ୍ଷରୁ ବ୍ଲକ ସମ୍ମୁଖରେ ୩ ଦିନ ଧରି ଧାରଣା ଜାରି ରହିଛି। ସେହିପରି ଆଇନଶୃଙ୍ଖଳା ସୁରକ୍ଷା ଦାବିରେ ମଧ ବିଜେଡି ପକ୍ଷରୁ ସେଠାରେ ଧାରଣା ଜାରି ରହିଛି। ଉଭୟ ଦଳ ପକ୍ଷରୁ ଗୋଟିଏ ଜାଗାରେ ଧାରଣା ଦିଆଯାଇଥିବାରୁ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଧାରଣା ସ୍ଥଳରେ ସାରସକଣା ବିଧାୟକ ବୁଧାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ରାଜ୍ୟ ଭାଜପା ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା, ସ୍ଥାନୀୟ ନେତା ଛବି ମଲ୍ଲିକ, ରାଜ୍ୟ ଓବିସି ମଞ୍ଚର ସଭାପତି ସୁରଥ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଭାଜପା ତରଫରୁ କରାଯାଇଥିବା ଦାବିକୁ ସମର୍ଥନ କରିବା ସହିତ ତୁରନ୍ତ ଏହାର ସମାଧାନ କରିବା ପାଇଁ ଦାବି କରିଥିଲେ। ବିଡିଓ ଅଶୋକ କୁମାର ଲେଙ୍କା, ନିଆଳି ଥାନାଧିକାରୀ ବିଜୟ କୁମାର ମଲ୍ଲିକ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ସନ୍ତୋଷଜନକ ଉତ୍ତର ନ ଦେବାରୁ ଆଲୋଚନା ବିଫଳ ହୋଇଥିଲା। ସେହିପରି ବିଜେଡି ପକ୍ଷରୁ ଜିଲାପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ, ଆତ୍ମାର ଅଧ୍ୟକ୍ଷ ବିଷ୍ଣୁ ଚରଣ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ଆଦିତ୍ୟ ପାଣି, ସ୍ଥାନୀୟ ସରପଞ୍ଚ ବବିତାରାଣୀ ବେହେରା ପ୍ରମୁଖଙ୍କ ସହ ବିଜେଡି କର୍ମୀମାନେ ଧାରଣାରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ଭାଜପା ଧାରଣା ଦେଉଥିବ, ସେ ପର୍ଯ୍ୟନ୍ତ ବିଜେଡି ଧାରଣା ଦେବ ବୋଲି ଜିଲା ପରିଷଦ ସଭ୍ୟ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

# ବିଳମ୍ବରେ ପହଞ୍ଚିଲା ଟ୍ରେନ୍, ଯାତ୍ରୀ ହଟହଟା



କଟକ ଅଫିସ,୭।୧୨

- ଷ୍ଟେଶନରେ ହୋହଲ୍ଲା
- କନ୍ଦରପୁରଠାରେ ଅଟକିଲା ପ୍ରାୟ ୨ ଘଣ୍ଟା
- ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରୀଙ୍କୁ ନେଇ ଧରାଇଲା

କଟକ, ଭୁବନେଶ୍ୱରରୁ କାମ ସାରି ପାରାଦୀପ ଫେରୁଥିବା ଟ୍ରେନ୍‌ଯାତ୍ରୀମାନେ ବୁଧବାର କଟକ ଷ୍ଟେସନରେ ହଟହଟା ହୋଇଛନ୍ତି। ପ୍ରତିଦିନ ସନ୍ଧ୍ୟା ୭ଟାରେ ଭଦ୍ରକରୁ ଆସିଥିବା ଟ୍ରେନ୍‌ଟି କଟକ ଷ୍ଟେସନରୁ ପାରାଦୀପ ଅଭିମୁଖେ ଯାତ୍ରା କରିଥାଏ। ସେହି ସମୟ ପୂର୍ବରୁ ଭୁବନେଶ୍ୱରରୁ ଭଦ୍ରକ ଯାଉଥିବା ଏକ ମେମୁ ଟ୍ରେନ୍‌ରେ ପାରାଦୀପ ଯିବା ନିମନ୍ତେ ବହୁସଂଖ୍ୟକ ଯାତ୍ରୀ ଆସନ୍ତି। ଯାତ୍ରୀମାନେ ରେଲୱେର ଏହି ବ୍ୟବସ୍ଥା ପ୍ରତି ଅଭ୍ୟସ୍ତ ଅଛନ୍ତି। ହେଲେ ବୁଧବାର କୌଣସି କାରଣରୁ ଭୁବନେଶ୍ୱରରୁ ଆସୁଥିବା ମେମୁ ଟ୍ରେନ୍‌ଟି ୭ଟା ପୂର୍ବରୁ ପହଞ୍ଚିବା ପରିବର୍ତ୍ତେ କିଛି ସମୟ ବିଳମ୍ବରେ ପହଞ୍ଚିଥିଲା। ମାତ୍ର ଠିକ୍ ୭ଟାରେ ପାରାଦୀପ ଅଭିମୁଖେ କଟକରୁ ଯିବାକୁ ଥିବା ଟ୍ରେନ୍‌ଟି ଯାତ୍ରାରମ୍ଭ କରି ବହୁ ବାଟ ଆଗେଇ ସାରିଥିଲା। ଏହା ଜାଣିବା ପରେ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ସେମାନେ ଷ୍ଟେଶନ ପରିସରରେ ହୋହଲ୍ଲା କରିଥିଲେ। ଏଥିସହ କେତେଜଣ ଯାତ୍ରୀ ଷ୍ଟେଶନ ମ୍ୟାନେଜରଙ୍କୁ ଭେଟି କ୍ରୋଧପ୍ରକାଶ କରିଥିଲେ। ଯାତ୍ରୀମାନଙ୍କ ହୋହଲ୍ଲା ଓ ପାଟିତୁଣ୍ଡ ଶୁଣି ଆରପିଏଫ୍ କର୍ମଚାରୀମାନେ ପହଞ୍ଚି ବୁଝାସୁଝା କରିଥିଲେ। ଆର୍‌ପିଏଫ୍ ଆଇଆଇସି ଅନିଲ କୁମାର ସିଂହଙ୍କ ସୂଚନା ଅନୁସାରେ, କୌଣସି କାରଣ ଯୋଗୁ ଟ୍ରେନ୍‌ଟି ଷ୍ଟେଶନରେ ବିଳମ୍ବରେ ପହଞ୍ଚିଥିଲା। ଲୋକମାନଙ୍କ ଅସୁବିଧାକୁ ଦେଖି ପାରାଦୀପ ଅଭିମୁଖେ ଯାଉଥିବା ଟ୍ରେନ୍‌କୁ ଏଠାରୁ ୧୨ କି.ମି. ଦୂର କନ୍ଦରପୁରଠାରେ ଅଟକା ଯାଇଥିଲା। କଟକରୁ ଆଉ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଯାତ୍ରୀମାନଙ୍କୁ ନେଇ କନ୍ଦରପୁରଠାରେ ଉକ୍ତ ଟ୍ରେନ୍‌ରେ ଚଢ଼ାଇ ଦିଆଯାଇଥିଲା। ତେବେ ଯାତ୍ରୀମାନଙ୍କ ସୂଚନା ଅନୁସାରେ କଟକ ଷ୍ଟେଶନରୁ ସ୍ୱତନ୍ତ୍ର ଟ୍ରେନ୍‌ଟି ରାତି ପ୍ରାୟ ୮ଟା ୪୫ମିନିଟ୍‌ରେ କନ୍ଦରପୁର ଅଭିମୁଖେ ଛାଡ଼ିଥିଲା। ଏପଟେ କଟକ ଷ୍ଟେଶନରେ ଶତାଧିକ ଯାତ୍ରୀ ହଟହଟା ହୋଇଥିବାବେଳେ କନ୍ଦରପୁରଠାରେ ଗାଡ଼ି ଅଟକିବା କାରଣରୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ ପ୍ରାୟ ୨ ଘଣ୍ଟା କାଳ ଅପେକ୍ଷା କରି ବ୍ୟତିବ୍ୟସ୍ତ ହୋଇଥିଲେ।



"ପ୍ରତିଦିନ ଟ୍ରେନ୍‌ରେ ରାହାମାରୁ କଟକ ଯାଏ। ଏଥିପାଇଁ ମାସିକିଆ ଟିକେଟ କରିଛି। ହେଲେ ଆଜି ଏଭଳି ଅପ୍ରତ୍ୟାଶିତ ଭାବେ ଟ୍ରେନ୍ ଛାଡ଼ି ଦେବା ଦ୍ୱାରା ଘରକୁ ଫେରିବାର ଆଶା ହରାଇଥିଲୁ। ଯାହାହେଉ ଆର୍‌ପିଏଫ୍ ପକ୍ଷରୁ ଉଦ୍ୟମ କରାଯାଇ ଆମକୁ ଘରକୁ ଫେରିବାରେ ସହଯୋଗ କରାଗଲା।

–ନୃସିଂହ ରାଉତ, ଯାତ୍ରୀ, ଗୋରଡ଼



"ରାହାମା ଷ୍ଟେଶନରୁ ପ୍ରତିଦିନ ଟ୍ରେନ୍ ଧରି କମ୍ପାନୀ କାମରେ ବିଭିନ୍ନ ସ୍ଥାନକୁ ଯାଏ। ବୁଧବାର ଖୋର୍ଦ୍ଧାରୁ କାମ ସାରି ଭୁବନେଶ୍ୱର-କଟକ ମେମୁ ଟ୍ରେନ୍‌ରେ କଟକ ଷ୍ଟେଶନରେ ପହଞ୍ଚିବା ବେଳକୁ ପାରାଦୀପକୁ ଟ୍ରେନ୍ ଛାଡ଼ି ଦେଇଥିଲା। ଏନେଇ ଆମେ ଷ୍ଟେଶନ ମ୍ୟାନେଜରଙ୍କୁ ତୁରନ୍ତ ବ୍ୟବସ୍ଥା କରିବା ପାଇଁ ଜଣାଇଥିଲୁ।

–ଶ୍ରୀକାନ୍ତ ମହାନ୍ତି, ଯାତ୍ରୀ, ରାହାମା



"ଭୁବନେଶ୍ୱରରେ ଚାକିରି କରିଥିବାରୁ ପ୍ରତିଦିନ ଟ୍ରେନ୍‌ରେ ପାରାଦୀପରୁ କଟକ ଓ କଟକରୁ ଲିଙ୍କ୍ ଟ୍ରେନ୍ ଯୋଗେ ଭୁବନେଶ୍ୱର ଯାତାୟାତ କରିଥାଏ। ବୁଧବାର ଭୁବନେଶ୍ୱରରୁ ପାସେଞ୍ଜର ଟ୍ରେନ୍ କଟକରେ ପହଞ୍ଚିବା ସାମାନ୍ୟ ବିଳମ୍ବ ହୋଇଯିବାରୁ ଆମକୁ ପ୍ରାୟ ୨ ଘଣ୍ଟା ହଇରାଣ ହେବାକୁ ପଡିଥିଲା।

–ସୁମନ୍ତ କୁମାର ସାହୁ, ଯାତ୍ରୀ, ଗୋବିନ୍ଦପୁର



"ଖପୁରିଆରେ କମ୍ପାନୀ ଚାକିରି। ତେଣୁ କମ୍ ଟଙ୍କାରେ ଟ୍ରେନ୍‌ରେ ଯିବାଆସିବା ଛଡ଼ା ଅନ୍ୟ ଉପାୟ ନାହିଁ। ମୋ ଭଳି ଶତାଧିକ ଯାତ୍ରୀ ଅଛନ୍ତି। ରେଳ କର୍ତ୍ତୃପକ୍ଷ ଯାତ୍ରୀମାନେ ଯେଭଳି ଭବିଷ୍ୟତରେ ହଇରାଣନହେବେତାରଏକସ୍ଥାୟୀପ୍ରତିକାରକରିବାଦରକାର।

–ଗଣେଶ୍ୱର ସେଠୀ, ଯାତ୍ରୀ, କନ୍ଦରପୁର

### ୯ରେ ବିଧାନସଭା ଘେରିବେ ପାଇପ୍‌ଜଳ କର୍ମଚାରୀ

କଟକ ଅଫିସ, ୭।୧୨: ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାନୀୟଜଳ ଯୋଗାଣ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଏସ୍ଏମ୍ଏମ୍ କର୍ମଚାରୀଙ୍କୁ ଦୈନିକ ମଜୁରି, ସାମାଜିକ ସୁରକ୍ଷା ପ୍ରଦାନ ଆଦି ଦାବି ପ୍ରତି ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଉକ୍ତ ଦାବିକୁ ନେଇ ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୯ ତାରିଖରେ ବିଧାନସଭା ଘେରାଉ କରାଯିବ। ଏହି ଆନ୍ଦୋଳନକୁ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ହିନ୍ଦ୍ ମଜଦୁର ସଭା (ଏଚ୍ଏମ୍ଏସ୍) ସମର୍ଥନ ଜଣାଇଛି। ଏଚ୍ଏମ୍ଏସ୍ ପକ୍ଷରୁ ଅରୁଣୋଦୟ ନଗରସ୍ଥିତ ସିଡିଏ ଏମ୍ପ୍ଲୋଇଜ୍ ୟୁନିୟନ ଅଫିସରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉପରୋକ୍ତ ଘୋଷଣା କରାଯାଇଛି। ମଜଦୁର ସଭା ରାଜ୍ୟ ଯୁବ ସଭାପତି ବିଜୟ ଭୂଷଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସଙ୍ଗଠନ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମହାନ୍ତି ଯୋଗଦେଇ କର୍ମଚାରୀମାନଙ୍କ ଦାବି ପ୍ରତି ସରକାରଙ୍କ ଉଦାସୀନତାକୁ ନିନ୍ଦା କରିଥିଲେ। ଏହି ସମ୍ମିଳନୀରେ ଯୁବ ଶ୍ରମିକ ନେତା ବିଜୟ କୁମାର ବେହେରା, ଶରତ ଚନ୍ଦ୍ର ରାଉତରାୟ, ଯଯାତି କେଶରୀ ନାୟକ, ଶିବ ମହାନ୍ତି, ତରୁଣ ହାତୀ, ସୁଶାନ୍ତ ସେଠୀ, ଗୁରୁଚରଣ ପାତ୍ର, ସୌମ୍ୟକାନ୍ତ ବେହେରା, ପ୍ରଦୀପ ମହାପାତ୍ର, ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଠନର ସଦସ୍ୟମାନେ ଧାରଣାରେ ବସିଛନ୍ତି।

କଟକ ଅଫିସ, ୭।୧୨

**ଅନ୍‌ଲାଇନ ବ୍ୟବସ୍ଥା ଯୋଗୁ ନିର୍ମାଣ ଶ୍ରମିକ ସହାୟତାରୁ ବଞ୍ଚିତ**

ନିର୍ମାଣ ଶ୍ରମିକଙ୍କୁ ଅନ୍‌ଲାଇନ୍ ବ୍ୟବସ୍ଥାରେ ପଞ୍ଜୀକରଣ ଓ ବାର୍ଷିକ ନବୀକରଣ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ନିର୍ମାଣ ଶ୍ରମିକମାନେ କାର୍ଡ କରିବା, ବାର୍ଷିକ ନବୀକରଣ, ମୃତ୍ୟୁକାଳୀନ ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ବିବାହ ଓ ଶିକ୍ଷା ସହାୟତା, ପ୍ରସୂତିକାଳୀନ ଓ ଅନ୍ୟାନ୍ୟ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ନିର୍ମାଣ ଶ୍ରମିକ ସଙ୍ଗଠନଗୁଡ଼ିକର ସଦସ୍ୟ ୨୦ ଦଫା ଦାବି ନେଇ କଟକ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ ସହ ଧାରଣାରେ ବସିଥିଲେ। ଏହାପରେ ୟୁନିୟନ ପକ୍ଷରୁ ଉକ୍ତ ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶ୍ରମ ଅଧିକାରୀଙ୍କ ଜରିଆରେ ଦିଆଯାଇଥିଲା। ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଆଇଏନ୍‌ଟିୟୁସିର ବିପିନ ବିହାରୀ ରାଉତରାୟ, ଏଆଇଟିୟୁସିର ହରିହର ମହାନ୍ତି, ସିଆଇଟିୟୁର ଅଭୟ ସ୍ୱାଇଁ, ଏଆଇୟୁଟିୟୁସିର ଖଗେଶ୍ୱର ସେଠୀ, ଏଚ୍ଏମ୍ଏସ୍‌ର ବିରଜା କିଙ୍କର ନାୟକ, ବିଜୟ ଭୂଷଣ ପତି, ସନ୍ତୋଷ ସାମଲ ଓ ଅଶୋକ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ୧୦ରୁ ସାତସାହି କଟକ ନୃତ୍ୟୋତ୍ସବ

**ନୃତ୍ୟ ପରିବେଷଣ କରିବେ ୬୫ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ**

କଟକ ଅଫିସ, ୭।୧୨

ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ଓ ଜିଲା ପ୍ରଶାସନ ସହଯୋଗରେ ଆସନ୍ତା ୧୦ରୁ ସାତସାହି କଟକ ନୃତ୍ୟୋତ୍ସବ ଆରମ୍ଭ ହେବ। ଏ ନେଇ ବୁଧବାର ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି। କଟକ ଉପର ବାଲିଯାତ୍ରା ପଡିଆଠାରେ ଆୟୋଜିତ ହେବ ମେଳା। ୯ ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ୬୫ରୁ ଊର୍ଦ୍ଧ୍ୱ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିବର୍ଷ ପରି ଏଥର ମଧ ଥାଲାସେମିଆ, କ୍ୟାନ୍‌ସର, ମଧୁମେହ ପୀଡ଼ିତ ଶିଶୁ ଓ ଭିନ୍ନକ୍ଷମ ଅନୁଷ୍ଠାନକୁ ୨ ଲକ୍ଷ ଟଙ୍କା କମିଟି ପକ୍ଷରୁ ପ୍ରଦାନ କରାଯିବ। ସେହିଭଳି ଉପର ବାଲିଯାତ୍ରା ପଡ଼ିଆରେ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯିବ। ଏଥିରେ ଦେଶ ଓ ବିଭିନ୍ନ ରାଜ୍ୟର ବ୍ୟବସାୟୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଯୋଗଦେବେ। ବାଣିଜ୍ୟ ମେଳାକୁ ସଫଳ କରିବା ପାଇଁ ନୃତ୍ୟୋତ୍ସବ କମିଟି ସହିତ ବୈଶାଖୀ ବାଣିଜ୍ୟ ମେଳା କମିଟି ସହଯୋଗର ହାତ ବଢ଼ାଇଛି। ଏହି ମେଳାରେ ମୀନାବଜାର, ପିଲାଙ୍କ ପାଇଁ ଖେଳ ଉପକରଣ, ଖଦିବସ୍ତ୍ର, ଘରକରଣା ସାମଗ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦନ ସୁଲଭ ମୂଲ୍ୟରେ ମିଳିବ। ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ସଚେତନତାଧର୍ମୀ ଷ୍ଟଲ୍ ସାଙ୍ଗକୁ କଟକ ସହରରେ ଜାଇକା କାମକୁ ନେଇ ଜନସଚେତନତାଧର୍ମୀ ଷ୍ଟଲ୍ ଖୋଲିବ ବୋଲି ସିଏମ୍‌ସି ମେୟର ସୁବାସି ସିଂ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ରଙ୍କ ସମେତ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜାତିଗତ ପ୍ରମାଣପତ୍ର ପ୍ରଦାନ ଦାବିରେ ଧାରଣା

କଟକ ଅଫିସ, ୭।୧୨

ଜଗତ୍‌ସିଂହପୁର ଜିଲା ଓଡ଼ିଶୋ ଗ୍ରାମପଞ୍ଚାୟତ ଅଧୀନ ଓଡ଼ିଶୋ ଗ୍ରାମ ମାଟିଆ(ଆଦିବାସୀ) ବସ୍ତିବାସିନ୍ଦାମାନେ ଜାତିଗତ ପ୍ରମାଣପତ୍ର ପାଉନାହାନ୍ତି। ସେମାନଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ ଦାବି ନେଇ ଦଳିତ ବିକାଶ ପରିଷଦ ପକ୍ଷରୁ ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗଣଧାରଣା ଦିଆଯାଇଥିଲା। ଏହାପରେ ପରିଷଦ ପକ୍ଷରୁ ଆର୍‌ଡିସିଙ୍କ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଙ୍ଗଠନ ସଭାପତି ଶଙ୍କର ଦାସ କହିଛନ୍ତି, ରାଜ୍ୟର ବିଭିନ୍ନ ଜିଲାରେ ଥିବା ମାଟିଆମାନଙ୍କୁ ଜାତିଗତ ପ୍ରମାଣପତ୍ର ମିଳୁଛି। ହେଲେ ଜଗତ୍‌ସିଂହପୁର ଜିଲା ଓଡ଼ିଶୋ ଗ୍ରାମର ମାଟିଆମାନଙ୍କୁ ଏହା ମିଳୁନାହିଁ। ଏ ନେଇ ପୂର୍ବରୁ ବହୁବାର ଜଗତ୍‌ସିଂହପୁର ଜିଲାପାଳଙ୍କ ଅଫିସ ଘେରାଉ କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଉକ୍ତ ଗ୍ରାମର ଲୋକମାନେ ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହି ଧାରଣାରେ ଆମ୍ବେଡକର ଲୋହିଆ ବିଚାର ମଞ୍ଚର ରାଜ୍ୟ ନେତା ମନୋରଞ୍ଜନ ଜେନା, ଦଳିତ ଆଦିବାସୀ ବିକାଶ ସହାସଂଘ ସଭାପତି ଲିଟୁ ଦାସ, ଟିଙ୍କିନା ପରିଡ଼ା, ଅବ୍‌ଦୁଲ ୱାଲି, କାଳନ୍ଦୀ ପ୍ରଧାନ, ଅକ୍ଷୟ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

### 'କଠିନ ପରିଶ୍ରମ ଦ୍ୱାରା ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହେବ'



ଉତ୍ସବରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବକ୍ତବ୍ୟ ଦେଉଛନ୍ତି।

ଫୁଲନଖରା, ୭।୧୨(ଡି.ଏନ୍.ଏ.)

**ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ**

କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ପିରବଜାରସ୍ଥିତ କଳିଙ୍ଗ ଭାରତୀ ଆବାସିକ ମହାବିଦ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ନିର୍ଦ୍ଦେଶିକା ଲୁସି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଶୃଙ୍ଖଳିତ ଛାତ୍ର ସମାଜ ଗଠନ ସହିତ ସାଇବର ଅପରାଧକୁ ରୋକାଯିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ସେହିପରି ଯୁକ୍ତ ଦୁଇ ବିଭାଗର ଅଧ୍ୟକ୍ଷ ଅଜୟ କୁମାର ମହାନ୍ତି ଶୃଙ୍ଖଳିତ ଜୀବନ ଶୈଳୀ ଉପରେ କହିଥିଲେ। ଯୁକ୍ତ ତିନି ବିଭାଗ ଅଧ୍ୟକ୍ଷ ସନ୍ତୋଷ କୁମାର ପଣ୍ଡା କହିଥିଲେ, କଠିନ ପରିଶ୍ରମ କଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହେବ। ଅନୁଷ୍ଠାନର ସମ୍ପାଦିକା କବିତା ମହାପାତ୍ର ଯୋଗଦେଇ ମହାବିଦ୍ୟାଳୟର ପ୍ରତିଷ୍ଠାତା ଜାନକୀ ବଲ୍ଲଭ ପାଢୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସ୍ୱୟଂ ପାଢୀ ସଙ୍ଗୀତ ପରିବେଷଣ କରିଥିବାବେଳେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବିଜ୍ଞାନ ମେଳାରେ ୯୩ ପ୍ରକଳ୍ପ ପ୍ରଦର୍ଶିତ

କଣ୍ଟାପଡ଼ା, ୭।୧୨(ଡି.ଏନ୍.ଏ.)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସାଇଲୋ ବଡ଼ବିଲ ଲାଲବାହାଦୁର ନଗରସ୍ଥିତ ଗୋପବନ୍ଧୁ ନୋଡାଲ ବିଦ୍ୟାମନ୍ଦିର ଖେଳପଡ଼ିଆରେ ବ୍ଲକସ୍ତରୀୟ ବିଜ୍ଞାନମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଣ୍ଟାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିନା ଭୋଇ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ୯୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପଗୁଡ଼ିକୁ ୭ଟି ବିଭାଗରେ ବିଭକ୍ତ କରାଯାଇଥିବାବେଳେ ପ୍ରତି ବିଭାଗରୁ ଜଣେ ଲେଖାଏ ପ୍ରତିଯୋଗୀ ଜିଲାସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛନ୍ତି। କଣ୍ଟାପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରତାପଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି, କଣ୍ଟାପଡ଼ା ବିଡିଓ ସନ୍ତୋଷ କୁମାର ପତି ମୁଖ୍ୟବକ୍ତା ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ, ଓଷ୍ଟାର ରାଜ୍ୟ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ଜିଲାସ୍ତରୀୟ ବିଜ୍ଞାନମେଳାରେ ଭାଗ ନେବା ପାଇଁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବନଲତା ଗଡ଼ବାଡ଼ ଧନ୍ୟବାଦ ଦେଇଥିଲେ। ସ୍ୱଦେଶ ରଞ୍ଜନ ପାତ୍ର, ଅମୂଲ୍ୟ ମହାପାତ୍ର, ସତ୍ୟଜିତ ବେହେରା, ପ୍ରଭାତ କୁମାର ଦାସ କାର୍ଯ୍ୟକ୍ରମ ପରଚାଳନା କରିଥିଲେ।

### 'ନୂଆ ପ୍ଲାଟ୍‌ଫର୍ମ ସହ ଦର୍ଶକଙ୍କ ଆଦୃତି ପାଇଛି'

ଭୁବନେଶ୍ୱର ,୭।୧୨

ଚଳିତ ବର୍ଷ ଦୀପାବଳି ଅବସରରେ 'ଜୀ-ସାର୍ଥକ' ପକ୍ଷରୁ ଆୟୋଜିତ 'ଦୀପାବଳିରେ ସୁନାର ବର୍ଷା' ପ୍ରତିଯୋଗିତାର ବିଜେତାମାନଙ୍କୁ ନିକଟରେ ପୁରସ୍କୃତ କରାଯାଇଛି। ଏପରିକି ସ୍ଥାନୀୟ ପାହାଳଠାରେ ଜୀ-ସାର୍ଥକର କର୍ପୋରେଟ ଅଫିସ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଭାଗ୍ୟଶାଳୀ ବିଜେତାମାନେ ପୁରସ୍କାର ଗ୍ରହଣ କରିଛନ୍ତି। ଏପରିକି ମୋଟ ୩୧ ଜଣଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଜଗତ୍‌ସିଂହପୁରର ଚପଳା ସ୍ୱାଇଁ ମେଗା ବିଜୟିନୀ ଭାବେ ମନୋନୀତ ହୋଇ ୧୦ଗ୍ରାମ ଓଜନର ଏକ ସୁନା କଏନ୍ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେତାମାନେ କହିଛନ୍ତି, ମନୋରଞ୍ଜନ ସହ ଏପରି ପ୍ରତିଯୋଗିତାର ଆୟୋଜନ କରିବା ଦ୍ୱାରା ଜୀ-ସାର୍ଥକ ଦର୍ଶକମାନଙ୍କ ପାଇଁ ଏକ ନୂଆ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା ସହ ଆହୁରି ଅଧିକ ଦର୍ଶକଙ୍କ ଆଦୃତ ହୋଇପାରିଛି ଏବଂ ଦର୍ଶକଙ୍କ ମନ ଜିଣିଛି। ଅପରପକ୍ଷରେ ମନୋରଞ୍ଜନର ନୂଆ ନୂଆ ରୂପ ସହ ଆଗାମୀ ଦିନରେ ଜୀ-ସାର୍ଥକ ଏଭଳି ଆହୁରି ଅନେକ ପ୍ରକାର ପ୍ରତିଯୋଗିତା ନେଇ ଆସିବ ବୋଲି ଜୀ-ସାର୍ଥକ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।




ଦୀପାବଳିରେ ସୁନାର ବର୍ଷା ପ୍ରତିଯୋଗିତାର ବିଜେତା ଚପଳା ସ୍ୱାଇଁଙ୍କୁ ଜୀ ସାର୍ଥକର ବରିଷ୍ଠ ଅଧିକାରୀ ସୁନାମୁଦ୍ରାର ଲକି କୁପନ ପ୍ରଦାନ କରୁଛନ୍ତି।

### 'ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶର ମାଧ୍ୟମ ସର୍ଗିଫୁଲ'

**ଜିଲାସ୍ତରୀୟ ସର୍ଗିଫୁଲ ଉତ୍ସବ ଉଦ୍‌ଘାଟିତ**

ଖୁଣ୍ଟୁଣୀ, ୭।୧୨(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ରାହାଙ୍ଗୁଳ ଆଶ୍ରମ ସ୍କୁଲ ପରିସରରେ ଜିଲାସ୍ତରୀୟ ସର୍ଗିଫୁଲ ଉତ୍ସବ-୨୦୨୨ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ବିଡିଓ ଅରୁଣ କୁମାର ଦାସ ଯୋଗଦେଇ କହିଥିଲେ, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ପ୍ରତିଭାର ବିକାଶ ପାଇଁ ସର୍ଗିଫୁଲ ଉତ୍ସବ ଏକ ମାଧ୍ୟମ। ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଭୁବନେଶ୍ୱର ସର୍କଲ ଇନ୍ସପେକ୍ଟର ସଙ୍ଗୀତ ବେହେରା, କଟକ ଜିଲା ମଙ୍ଗଳ ଅଧିକାରୀ ସୁଶ୍ରୀ ମଧୁସ୍ମିତା ମହାପାତ୍ର, ଜିଲା ନିରୀକ୍ଷକ ରବୀନ୍ଦ୍ରନାଥ ବେହେରା, ଆଠଗଡ଼ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ରଞ୍ଜୁ ଦେଈ ଓ ସବିତା ଘଡେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ଜିଲାର ୨୪ଟି ଜନଜାତି ସ୍କୁଲର ୧୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରେ ବକ୍ତୃତା, ତର୍କ, ସୃଜନଶୀଳ ଲେଖା, ଏକକ ସଙ୍ଗୀତ, ଗ୍ରୁପ ଡ୍ୟାନ୍ସ, ଏକକ ଅଭିନୟ, ନାଟକ, ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଧର ସାମଲ ଅତିଥି ପରିଚୟ ପ୍ରଦାନ ଓ ଉମେଶ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଯୋଗଦେଇ ମୋ ସ୍କୁଲ ଯୋଜନାରେ ନିର୍ମିତ ଶିଶୁବାଟିକା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।




ଜିଲାସ୍ତରୀୟ ସର୍ଗିଫୁଲ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ବରୁଣେଇରେ ପାଇକ ସମାବେଶ

**ଖୋର୍ଦ୍ଧା ଅଫିସ,୭।୧୨:**

ପୁଣି ପାଇକ ମାଟିରେ ତେଜିଲା ଆନ୍ଦୋଳନ। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା, ପାଇକ ରେଜିମେଣ୍ଟ ଗଠନ, ପାଇକବୀରଙ୍କୁ ପେନସନ୍ ବ୍ୟବସ୍ଥା, ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ନିମନ୍ତେ ଦାବି ଜୋର୍ ହୋଇଛି। ବୁଧବାର ବରୁଣେଇ ପାହାଡ଼ ପାଦଦେଶରେ ପାଇକମାନେ ଏସବୁ ଦାବି ନେଇ ଏକାଠି ହୋଇଛନ୍ତି। ସେମାନେ ଖଣ୍ଡା, ଢାଲ ଧରି ଯୋଦ୍ଧା ବେଶରେ ନାଚି ନାଚି ପ୍ରସ୍ତାବିତ ସ୍ମାରକୀସ୍ଥଳରେ ପହଞ୍ଚିଥିଲେ।

ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘ ଏବଂ ଖୋର୍ଦ୍ଧା ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଇକ ସଙ୍ଗଠନର ସଦସ୍ୟମାନେ ବରୁଣେଇ ପୀଠରେ ଏକାଠି ହୋଇଥିଲେ। ମା' ବରୁଣେଇ ଏବଂ କରୁଣେଇଙ୍କ ଆଶୀର୍ବାଦ ନେଇ ବୀରବେଶରେ ସଜେଇ ହୋଇ ହାତରେ ଖଣ୍ଡା, ଢାଲ, ଫୁରି ଧରି ସେମାନଙ୍କ ଦାବି ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମାବେଶରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ସମ୍ପାଦକ ଦିଲୀପ ଶ୍ରୀଚନ୍ଦନ, ବିକାଶ ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସମେତ ସ୍ଥାନୀୟ ଶିକ୍ଷାବିତ, ବୁଦ୍ଧିଜୀବୀ ଓ ପାଇକ ସଙ୍ଗଠନ ସାମିଲ ହୋଇଥିଲେ। ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ସ୍ଥଳରେ ପହଞ୍ଚି ବୀରବାଦ୍ୟ ତାଳେ ତାଳେ ପାଇକ ସଙ୍ଗଠନର ସଦସ୍ୟମାନେ ଜଣକ ପରେ ଜଣେ ପାଇକ ଆଖଡ଼ା ପରିବେଷଣ କରି ପାଇକ ବିଦ୍ରୋହର ସ୍ମୃତିକୁ ତାଜା କରିଥିଲେ। ବିଧାୟକ ରାଉତରାୟ ହାତରେ ଖଣ୍ଡା ଧରି ଓ ଢୋଲ ବଜାଇ ବୀରବାଦ୍ୟ ତାଳେ ତାଳେ ପାଇକ ଆଖଡ଼ା ଦଳ ସହ ନାଚି ନାଚି ଶୋଭାଯାତ୍ରାରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପାଇଁ ଦାବି କରିଥିଲେ। ରାଉତରାୟ କହିଥିଲେ, ଖୋର୍ଦ୍ଧା ହେଉଛି ବୀର ମାଟି। ୧୮୫୭ର ସିପାହି ବିଦ୍ରୋହ ପୂର୍ବରୁ ଖୋର୍ଦ୍ଧାରେ ୧୮୦୪ରେ ଜୟୀ ରାଜଗୁରୁ ଏବଂ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧରେ ପାଇକମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା। ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ ପ୍ରଥମ ସ୍ୱାଧୀନତା ମାନ୍ୟତା ଦେଇ ଏବେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଏହାକୁ ପ୍ରତ୍ୟାଖ୍ୟାନ କରିବା ନିନ୍ଦନୀୟ। କେନ୍ଦ୍ରର ଏହି ନିଷ୍ପତ୍ତିକୁ ତୃଣମୂଳସ୍ତରରେ ବିରୋଧ କରାଯିବ। ଆଗାମୀ ଦିନରେ ଖୋର୍ଦ୍ଧାରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନକୁ ବ୍ୟାପକ କରାଯିବ। ୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତିଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଦାବି କରାଯାଇଥିଲା।



ବରୁଣେଇ ପୀଠରେ ବିଧାୟକ ସୁରେଶ କୁମାର ରାଉତରାୟ ଢୋଲ ବଜାଉଛନ୍ତି।



ପାଇକ ପୁଅମାନେ କଳା ପ୍ରଦର୍ଶନ କରୁଛନ୍ତି।

**ଖଣ୍ଡା, ଢାଲ ଧରି ବୀରବେଶରେ ନାଚିଲେ**

- ପ୍ରଥମ ସଂଗ୍ରାମ ମାନ୍ୟତା, ପାଇକ ରେଜିମେଣ୍ଟ ଗଠନ,
- ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ଦାବି କଲେ
- କେନ୍ଦ୍ରର ପ୍ରତ୍ୟାଖ୍ୟାନ ନିଷ୍ପତ୍ତିକୁ ବିରୋଧ କରାଯାଇ ଜୋରଦାର ଆନ୍ଦୋଳନ ହେବ

## ସଂକ୍ଷେପରେ

### ବ୍ଲକସ୍ତରରେ ୧୫୮ ପ୍ରକଳ୍ପ ପ୍ରଦର୍ଶିତ

କୃଷ୍ଣପ୍ରସାଦ,୭।୧୨(ଡି.ଏନ୍.ଏ.)- ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧୀନ ପଣସପଦା ପଞ୍ଚାୟତର ହରିହର ନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ହରିହର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଣସପଦା ଅଧକ୍ଷ ବ୍ରହ୍ମପଦ ମହାନ୍ତି, ସମ୍ମାନିତ ଅତିଥି ବିଧାୟକଙ୍କ ପ୍ରତିନିଧି ଶିକ୍ଷାବିତ କେଳୁଚରଣ ଜେନା, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ ତରେଇ, ବ୍ଲକ ଶିକ୍ଷାଧିକାରୀ ଆର୍ତ୍ତତ୍ରାଣ ମିଶ୍ର, ବ୍ଲକ ଉପାଧକ୍ଷା ଶକୁନ୍ତଳା ଗଡ଼ୁ, ବିଆର୍‌ସିସି ସତ୍ୟବ୍ରତ ସାହୁ, ପଣସପଦା ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ, ହରିଶ୍ୱର ଦେବ ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷା ଡ. ଅଞ୍ଜଳି ପ୍ରଧାନ, ହରିହର ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୨୮ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହିତ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ଜିଲାସ୍ତରରେ ଭାଗନେବାକୁ ମନୋନୀତ କରାଯାଇଥିଲା। ବ୍ଲକର ସମସ୍ତ ସିଆର୍‌ସିସି, ହରିହର ବିଦ୍ୟାପୀଠର ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ସାମାଜିକ କର୍ମୀ ବିଶ୍ୱଦୀପ ପ୍ରଧାନ ସମ୍ମାନିତ

ଖୋର୍ଦ୍ଧା, ୭।୧୨: ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୁର୍ ଭାଇବ୍ରେସନ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ରାଜଧାନୀଥି ନୁଆଁଖାଇ' କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଛାତ୍ର ବିଜେଡ଼ି ସଭାପତି ବିଶ୍ୱଦୀପ ପ୍ରଧାନଙ୍କୁ ଯୁବ ସାମାଜିକ କର୍ମୀ ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ କରିଛନ୍ତି। ପ୍ରଧାନ ସମାଜସେବା କ୍ଷେତ୍ରରେ ବିଭିନ୍ନ ସମୟରେ ନିଜକୁ ନିୟୋଜିତ କରି ବହୁ କାର୍ଯ୍ୟ କରିଥିବାବେଳେ ମହାମାରୀ କାରୋନା ସମୟରେ ସଂକ୍ରମଣ ଭୟକୁ ଖାତିର ନ କରି ଲୋକଙ୍କ ନିକଟତର ହୋଇ ସେବା ଯୋଗାଇ ଦେଇଥିଲେ। ଏପରକି ବିଭିନ୍ନ ସମୟରେ ସେ ରକ୍ତଦାନ ଶିବିର ଆୟୋଜନ ସହିତ ଅସହାୟଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟପାଳଙ୍କ ଦ୍ୱାରା ପ୍ରଧାନ ସମ୍ମାନିତ ହେବା ପରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ, ବୁଦ୍ଧିଜୀବୀ, ଶିକ୍ଷାବିତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



### ୨ ବାଇକ୍ ଧକ୍କା, ୨ ଗୁରୁତର

**ବୋଲଗଡ଼,୭।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ରାଜସୁନାଖଳା ଶୁଖୁଆ ବଜାରରେ ବୁଧବାର ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହୋଇ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। କିନ୍ତୁ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜଣକୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟଜଣକୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଘଟଣା ଅନୁଯାୟୀ, ବୁଧବାର ମଧ୍ୟାହ୍ନ ସମୟରେ ରାଜସୁନାଖଳା ବଜାର ମଧ୍ୟସ୍ଥ ବଲାଙ୍ଗିର –ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥରେ ଗୋପାଳିପଡା ଗ୍ରାମର ଲକ୍ଷ୍ମୀଧର ପାଢଶାଣୀ(୩୦) ବାଇକ୍‌ରେ ଆସି ଦକ୍ଷିଣପାର୍ଶ୍ୱକୁ ବୁଲୁଥିଲେ। ଏହି ସମୟରେ ଅପରପାର୍ଶ୍ୱରୁ ଆସୁଥିବା ରାଜସୁନାଖଳା ବଢେଇସାହିର ସୁଶାନ୍ତ କୁମାର ବରାଡ(୨୫)ଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଉଭୟ ରାସ୍ତା ଉପରେ ଛିଟିକି ପଡିବା ସହ ଉଭୟଙ୍କ ମୁହଁ, ମୁଣ୍ଡ ଓ ଅନ୍ୟାନ୍ୟ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା।

# 'ଆଧ୍ୟାତ୍ମିକ ଚେତନା ଦ୍ୱାରା ବିଶ୍ୱଶାନ୍ତି ସମ୍ଭବପର'




ବାଲୁଗାଁରେ ଅନୁଷ୍ଠିତ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣିମ ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ।

**ବାଲୁଗାଁ,୭।୧୨(ଡି.ଏନ୍.ଏ.)**

ସାମ୍ପ୍ରତିକ ପରିସ୍ଥିତିରେ ବର୍ତ୍ତମାନ ଦେଶ ଦେଶ ମଧ୍ୟରେ ଯୁଦ୍ଧର ପରିସ୍ଥିତି ସୃଷ୍ଟି ହୋଇ ଅଶାନ୍ତିର ବାତାବରଣ ଉପୁଜିଛି, ଯାହାକି ସମଗ୍ର ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଛି। ତେଣୁ ଏହାକୁ ରୋକିବାକୁ ହେଲେ ଜନମାନସ ନିଜକୁ ଆଧ୍ୟାତ୍ମିକ ଚିନ୍ତା ଓ ଚେତନାରେ ନିମଗ୍ନ କରି ଶାନ୍ତି ମୈତ୍ରୀର ବାର୍ତ୍ତା ପ୍ରତିଫଳନ କଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବପର ହୋଇପାରିବ। ଏଣୁ ପ୍ରତ୍ୟେକ ଜନମାନସ ନିଜ କର୍ମମୟ ଜୀବନରୁ ସମୟ ବାହାର କରି ଓଁଶାନ୍ତି ଅନୁଷ୍ଠାନରେ ନିଜକୁ ଆଧ୍ୟାତ୍ମିକ ଦିଗରେ ନିୟୋଜିତ କରିବା ଜରୁରୀ ହୋଇପଡ଼ିଛି । ଏହା ବିଶ୍ୱଶାନ୍ତି କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ହେବ ବୋଲି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ଖୋର୍ଦ୍ଧା ଜିଲା ବାଲୁଗାଁସ୍ଥିତ ଶିବ ଜ୍ୟୋତି ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୨୯ତମ ପ୍ରତିଷ୍ଠା ଦିବସ ତଥା ଓଡ଼ିଶା ଶାଖା ସ୍ୱର୍ଣ୍ଣିମ ଜୟନ୍ତୀ ସମାରୋହରେ ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

**ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣିମ ଜୟନ୍ତୀ**

ପ୍ରକାଶ ଯେ, ବିଶ୍ୱ ବ୍ୟାପୀ ୧୪୦ଟି ଦେଶରେ ୪୫୦୦ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଛି। ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ହେଲା, ରାଜଯୋଗ ତଥା ଆଧ୍ୟାତ୍ମିକ ଚିନ୍ତାଧାରା ମାଧ୍ୟମରେ ମଣିଷ ସମାଜ ନିଜର ମାନସିକ ଶାନ୍ତି ବଜାୟ ରଖିବା ସହ ସାରା ବିଶ୍ୱରେ ଶାନ୍ତି ଫେରାଇ ଆଣିବାର ପ୍ରୟାସ କରୁଛି। ୧୯୭୩ରେ ଓଡ଼ିଶାରେ ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିବାବେଳେ ଚଳିତ ବର୍ଷ ରାଜ୍ୟ ବ୍ୟାପୀ ଏହାର ସ୍ୱର୍ଣ୍ଣିମ ଜୟନ୍ତୀ ସମାରୋହ ପାଳିତ ହେଉଛି। ବୁଧବାର ବାଲୁଗାଁରେ ଅନୁଷ୍ଠିତ ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ରାଜଯୋଗିନୀ ବି.କେ. କମଲେଶ, ବି.କେ. ସୁଲୋଚନା, ବି.କେ. ଲତା, ମାଉଣ୍ଟଆବୁରୁ ଆସିଥିବା ପ୍ରଭାରୀ ବି.କେ. ଲକ୍ଷ୍ମଣ, ବରିଷ୍ଠ ପତ୍ରକାର ବି.କେ. ଅରୁଣ କୁମାର ପଣ୍ଡା, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ବ୍ରହ୍ମାକୁମାରୀ ଅନୁଷ୍ଠାନର ଆଭିମୁଖ୍ୟ ତଥା ଆଧ୍ୟାତ୍ମିକ ଚିନ୍ତାଧାରା ମାଧ୍ୟମରେ ସମାଜରେ କିପରି ହିଂସା ଓ ଅଶାନ୍ତିକୁ ଦୂରୀଭୂତ କରିବା ସଙ୍ଗେସଙ୍ଗେ ଏକ ପରିବର୍ତ୍ତନଶୀଳ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସହାୟକ ହୋଇପାରିବ ସେ ଦିଗରେ ଆଲୋକପାତ କରିଥିଲେ। ବି.କେ.ସରିତା ପ୍ରାରମ୍ଭିକ ଅଭିଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ବି.କେ. ଲୀନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ ବାଲୁଗାଁ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

### ୮ ଦାବି ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

**ଖୋର୍ଦ୍ଧା ଅଫିସ, ୭।୧୨ :**

ଖୋର୍ଦ୍ଧା ସ୍କୁଲ , କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବୁଧବାର ଏକ ୮ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଅବିକଳ ସପ୍ତମ ବେତନ କମିଶନ ଆଧାରରେ ଦରମା, ଅନୁଦାନ ଯୋଗ୍ୟ ୧୯୪ ବିଦ୍ୟାଳୟକୁ ଅନୁଦାନ, ସମସ୍ତ ଶିକ୍ଷକ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ କାର୍ଯ୍ୟକାରୀ କରାଯାଉ। ଅବସର କାର୍ଯ୍ୟକାଳକୁ ୬୦ରୁ ୬୨ ବର୍ଷକୁ ବୃଦ୍ଧି, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀକରଣ, ଖାଲିପଦବି ପୂରଣ ଏଭଳି ୮ଟି ଦାବି କରିଛନ୍ତି। ଶିକ୍ଷକମାନେ ବୁଧବାର ନୂଆ ବସଷ୍ଟାଣ୍ଡଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ। ଓଷ୍ଟା ଜିଲାର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର, ସମ୍ପାଦକ ସୁଧାକର ମହାପାତ୍ର, ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ଶ୍ରୀହରି ମାଳି, ଉପସଭାପତି ପ୍ରକାଶ କୁମାର ପଲାଇ, ରମେଶ ଚନ୍ଦ୍ର ପ୍ରଧାନ, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ସମ୍ପାଦକ ମଧୁସୂଦନ ଦେ, ସହସମ୍ପାଦକ ରାମାକାନ୍ତ ମହାପାତ୍ର, କଲେଜ ଶିକ୍ଷକ ସଂଗଠନର କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ମହାପାତ୍ର, ଦେବେନ୍ଦ୍ର ମହାନ୍ତି, ହରେକୃଷ୍ଣ ଶତପଥୀ ପ୍ରମୁଖ ସରକାରଙ୍କର ଶିକ୍ଷା ମାରଣ ନୀତି ଉପରେ ପ୍ରତିବାଦ କରିଥିଲେ। ଆସନ୍ତା ୧୭ରେ ଭୁବନେଶ୍ୱର ବିକ୍ଷୋଭ ସମାବେଶରେ ବହୁ ସଂଖ୍ୟାରେ ଯୋଗଦାନ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

# ଜିଲାସ୍ତରୀୟ ବିଜ୍ଞାନମେଳା, ଶିଶୁ ବିଜ୍ଞାନ କଂଗ୍ରେସ

**୧୮୭ ପ୍ରକଳ୍ପ ପ୍ରଦର୍ଶିତ**

**ଖୋର୍ଦ୍ଧା ଅଫିସ,୭।୧୨:**

ଖୋର୍ଦ୍ଧା ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ (ଡିଏଲ୍‌ଏସ୍‌ଏମ୍‌ଇଇ) ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ଶିଶୁ ବିଜ୍ଞାନ କଂଗ୍ରେସ ଚଳିତବର୍ଷ ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବିଜ୍ଞାନର ବିଷୟ ରହିଛି 'ଟେକ୍ନୋଲୋଜି ଏବଂ ଟଏ'। ଜିଲାର ୧୦ଟି ବ୍ଲକ ଓ ଭୁବନେଶ୍ୱର ମହାନଗର ନିଗମରୁ ୭୭ଟି ପ୍ରକଳ୍ପ, ରାଷ୍ଟ୍ରୀୟ ଆବିଷ୍କାର ବିଜ୍ଞାନ ଅନ୍ତର୍ଗତ ୬୦ ପ୍ରକଳ୍ପ ଓ ଶିଶୁ ବିଜ୍ଞାନ କଂଗ୍ରେସ ଅନ୍ତର୍ଗତ ୫୦ ପ୍ରକଳ୍ପ ଏହିଭଳି ମୋଟରେ ୧୮୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର ଓ ମଣ୍ଡଳ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ ଓ ବିଜେବି ହାଇସ୍କୁଲ ପ୍ରଧାନ ଶିକ୍ଷକ ଶେକ୍ ଗହ୍ୱର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂହ ଅତିଥି ପରିଚୟ, ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ମୁଖ୍ୟଅତିଥି, ପ୍ରଫେସର ପ୍ରତାପ କେଶରୀ ପଟ୍ଟନାୟକ ମୁଖ୍ୟବକ୍ତା, ପ୍ରଫେସର ଶୁଭଙ୍କର ବେଦାନ୍ତ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅମ୍ରିତା ପ୍ରୀତିନନ୍ଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲର ପ୍ରତୀକ ଜେନା, ଜଟଣୀର ଗୌରଭ ଦାସ, ଖୋର୍ଦ୍ଧା ସୁଶାନ୍ତ ମହାପାତ୍ର, ଅକ୍ଷର ସାହୁ, ନିବେଦିତା ବରାଳ, ମୃଣାଳ ବେହେରା, ଦିବ୍ୟାଂଶୀ ମହାନ୍ତି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସେହିଭଳି ଓମ୍ ଶୁଭମ ନାୟକ, ପ୍ରଲିପ୍ତା ଲେଙ୍କା, ବିଜେବି ହାଇସ୍କୁଲ ଶାଶ୍ୱତ ମହାପାତ୍ର, କାଜଲ ବାରିକ, ସଲିକ୍ ପଟ୍ଟନାୟକ ପ୍ରମୁଖ ପୁରସ୍କୃତ ହୋଇଥିଲେ। ରଞ୍ଜନ ରାୟ, ବିଭୁ ପ୍ରସାଦ ସେନାପତି, ଅଗାଧୁ ସେଠୀ, ସୁଧାକର ମହାପାତ୍ର, ଯୁଧିଷ୍ଠିର ସାହୁ, ପ୍ରସନ୍ନ ମହାପାତ୍ର, ରଞ୍ଜନ ଦାସ, ପ୍ରମୁଖ ପରିଚାଳନା କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂହ ଧନ୍ୟବାଦ ଦେଇଥିଲେ।



ଜଣେ ଛାତ୍ରୀଙ୍କ ପ୍ରକଳ୍ପକୁ ଅଧିକାରୀମାନେ ଦେଖୁଛନ୍ତି।

# ପଥପ୍ରାନ୍ତ ନାଟକ ଦ୍ୱାରା ଅଗ୍ନି ନିର୍ବାପନ ସଚେତନତା



କୋଟପଲ୍ଲା ଗ୍ରାମରେ ପଥପ୍ରାନ୍ତ ନାଟକ ଦ୍ୱାରା ସଚେତନ କରାଯାଉଛି।

**ବୋଲଗଡ,୭।୧୨(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଫାସୀଓଦା ପଞ୍ଚାୟତ କୋଟପଲ୍ଲା ଗ୍ରାମରେ ବୁଧବାର ପୂର୍ବାହ୍ନ ୧୧ଟାରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପଥପ୍ରାନ୍ତ ନାଟକ ଦ୍ୱାରା ଅଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବୋଲଗଡ଼ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ବନରକ୍ଷୀ ଅରୂପ କୁମାର ବେହେରା, ନେପାଳ ଲେଙ୍କା, ମାନସ ବୈରୀଗଞ୍ଜନ, ସନ୍ତୋଷ ମାଝୀ ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି ଲୋକମାନଙ୍କୁ ଜଙ୍ଗଲରେ ଅଗ୍ନି ନିବାରଣ ପାଇଁ ସଚେତନତା କରିଥିଲେ। ଭୁବନେଶ୍ୱର କଳାକାରମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ସେହିପରି ଖଙ୍ଗୁରିଆ ପଞ୍ଚାୟତର ହରିପୁର ଗ୍ରାମରେ ମଧ୍ୟ ପଥପ୍ରାନ୍ତ ନାଟକ ମାଧ୍ୟମରେ ଅଗ୍ନି ନିବାରଣ ନିମନ୍ତେ ସଚେତନତା କରାଯାଇଥିଲା। ଏହି ଅବସରରେ ବୋଲଗଡ଼ ବନପାଳ ଜଙ୍ଗଲ ଓ ପରିବେଶ ସୁରକ୍ଷା ଓ ଜଙ୍ଗଲ ସୃଷ୍ଟି ହେଲେ କିଭଳି ଜନସାଧାରଣଙ୍କ ଉପକୃତ ହେବେ ସେନେଇ ଲୋକମାନଙ୍କୁ ବୁଝାଇ କହିଥିଲେ। ଏହିଭଳି ସଚେତନତା କାର୍ଯ୍ୟକ୍ରମ ବୋଲଗଡ଼ ବ୍ଲକ ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ କରାଯିବ ବୋଲି ବନପାଳ ପଟ୍ଟନାୟକ କହିଥିଲେ। ବୋଲଗଡ଼ ବନ ବିଭାଗ ପକ୍ଷରୁ ଏହିଭଳି ସଚେତନତା ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

# ଆନ୍ତରିକତା, ସମନ୍ୱୟ ଅଭାବ ସାଜିଛି ବାଧକ

**ଖୋର୍ଦ୍ଧା ଅଫିସ,୭।୧୨:**

ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ଆନ୍ଦୋଳନର ମାନ୍ୟତା ପାଇଁ ବ୍ରିଟିଶ ବିରୋଧରେ ପାଇକବୀରମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ସେମାନଙ୍କ ତ୍ୟାଗ, ବଳିଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଅବସରରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ଗୁରୁବାର ଏହି ଶିଳାନ୍ୟାସକୁ ୩ ବର୍ଷ ପୂର୍ଣ୍ଣ ହେଉଛି। ବର୍ତ୍ତମାନ ସୁଦ୍ଧା ପ୍ରସ୍ତାବିତ ନିର୍ମାଣ ସ୍ଥାନରେ ଖଣ୍ଡେ ଇଟା ପଡିନାହିଁ। ପ୍ରଥମେ ପ୍ରସ୍ତାବିତ ଜମି ଜବରଦଖଲ ଏବଂ ପରେ ଜମି ହସ୍ତାନ୍ତରକୁ ନେଇ ଦୀର୍ଘ ଏକ ବର୍ଷ ଧରି ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ବିବାଦ ଲାଗିରହିଛି।

ଗତ ଜୁଲାଇ ୧୯ତାରିଖରେ ରାଜ୍ୟ କ୍ୟାବିନେଟ ଜମିର ଫ୍ରି ପ୍ରିମିୟମ ଯୋଗାଇ ଦେଇଛନ୍ତି। ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ଼ ପାଦଦେଶରେ ଏକର ୯.୬୮୫ ଡିସିମିଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ସ୍ମାରକୀ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ବିନା ପ୍ରିମିୟମ, କ୍ୟାପିଟାଲ ଭ୍ୟାଲୁ ଏବଂ ଇନ୍‌ସିଡେଣ୍ଟାଲ ଚାର୍ଜରେ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ସପକ୍ଷରେ ଦେବାଲାଗି ରାଜ୍ୟ କ୍ୟାବିନେଟର ଅନୁମୋଦନ କ୍ରମେ ଏଥିନିମନ୍ତେ ୩୧ କୋଟି ୯୬ଲକ୍ଷ,୬୨,୯୩୪ ଟଙ୍କା ରାଜସ୍ୱ ଦେୟ ବାବଦକୁ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ବିଭିନ୍ନ ପାଇକ ସଙ୍ଗଠନ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳିଯାଇଥିଲା। ସମସ୍ତଙ୍କ ଆଶା ଥିଲା ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଗତ ସେପ୍ଟେମ୍ବରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବିତ ବରୁଣେଇ ପାଇକ ସ୍ମାରକୀ ନିର୍ମାଣସ୍ଥଳ ବୁଲି ଦେଖିଥିଲେ। ତାଙ୍କ ସହିତ ଆଇଓସିଏଲର କର୍ମକର୍ତ୍ତା ଉପସ୍ଥିତ ଥିଲେ। ତତ୍କାଳୀନ ଜିଲାପାଳ ସଂଗ୍ରାମ ମହାପାତ୍ର ତାଙ୍କୁ ପ୍ରସ୍ତାବିତ ଜମିର ଷ୍ଟାଟସ ରିପୋର୍ଟ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରସ୍ତାବିତ ଜମିରେ ପ୍ରଥମ ପର୍ଯ୍ୟାୟରେ ପାଚେରୀ ନିର୍ମାଣ ଲାଗି କେନ୍ଦ୍ରମନ୍ତ୍ରୀ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ରାଜ୍ୟ ସରକାର ଜମିର ଫ୍ରି ପ୍ରିମିୟମ ଦେବା ସତ୍ତ୍ୱେ ଏହାର ଡିପିଆର ପ୍ରସ୍ତୁତ ହୋଇ ନ ଥିବା ଜଣାପଡିଛି। ସେପଟେ ପ୍ରସ୍ତାବିତ ଜମି ମୁକ୍ତ ଡମ୍ପିୟାର୍ଡ ପାଲଟିଥିବା ବେଳେ ଚାରିଆଡେ ଅନାବନା ଗଛଲତା ମାଡ଼ିଗଲାଣି। ତେବେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଲାଗି ବିଭିନ୍ନ ମହଲରେ ଦାବି ହୋଇଛି।

**ପାଇକ ସ୍ମାରକୀ ଶିଳାନ୍ୟାସକୁ ପୂରିଲା ୩ବର୍ଷ**

## ଏମାନେ ଯାହା କୁହନ୍ତି...

" ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମ ମାନ୍ୟତା, ପ୍ରସ୍ତାବିତ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କରାଯିବ। ୮ ତାରିଖରେ ବରୁଣେଇ ପାଦଦେଶରେ ଯେଉଁଠି ପାଇକ ସ୍ମାରକୀ ନିର୍ମାଣ ଲାଗି ରାଷ୍ଟ୍ରପତି ଶିଳାନ୍ୟାସ କରିଥିଲେ, ସେହି ସ୍ଥାନରେ ବିକ୍ଷୋଭ କରାଯିବ।

**- କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ, କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ**

" ପାଇକ ସ୍ମାରକୀ ନିର୍ମାଣ ଲାଗି ସେହି ସମୟରେ କେନ୍ଦ୍ରୀୟ ତୈଳ ନିଗମ ପକ୍ଷରୁ ୨ଶହ କୋଟି ଯୋଗାଇ ଦିଆଯିବ ବୋଲି ଘୋଷଣା ହୋଇଥିଲା। ତେବେ ଏଥିଲାଗି ଡିପିଆର୍ ତ ଦୂରର କଥା ଅର୍ଥ ମଞ୍ଜୁର ହୋଇ ନ ଥିବା ପରବର୍ତ୍ତୀ ସମୟରେ ଜଣାପଡିଥିଲା। ଏଣୁ ସ୍ମାରକୀ ନିର୍ମାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ କିଭଳି ଆନ୍ତରିକତା ଅଭାବ ରହିଛି, ତାହା ସ୍ପଷ୍ଟ ବାରିହୋଇପଡୁଛି।

**-ଶୁଭ୍ରରଞ୍ଜନ ଦାସ, ବରିଷ୍ଠ ଖବରଦାତା**

" ୨୦୧୭ ଜୁଲାଇ ୨୦ରେ ନୂଆଦିଲ୍ଲୀରେ ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଉତ୍ସବକୁ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ସେହି ସମୟରେ ମୁଖାର୍ଜୀ କହିଥିଲେ, ସିପାହୀ ବିଦ୍ରୋହ ପୂର୍ବରୁ ଖୋର୍ଦ୍ଧାର ପାଇକ ବିଦ୍ରୋହ ଇତିହାସରେ ଲିପିବଦ୍ଧ ହୋଇ ରହିଛି। ପାଇକଙ୍କ ବୀରତ୍ୱ, ଶୌର୍ଯ୍ୟକୁ ମୁଖାର୍ଜୀ ଭୂୟସୀ ପ୍ରଶଂସା କରିଥିଲେ। ପରବର୍ତ୍ତୀ ସମୟରେ ଏକ ବର୍ଷ ବ୍ୟାପୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ, ସଭାସମିତିରେ ପାଇକଙ୍କ ବୀରତ୍ୱର ଗାଥାକୁ ବଖାଣିଥିଲେ।

**- ଡ. ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**

" ଏହି ପାଇକ ସ୍ମାରକୀ ଆଗାମୀ ଦିନରେ ଏକ ତୀର୍ଥସ୍ଥଳ ପାଲଟିବ। ଦେଶ ବିଦେଶର ପର୍ଯ୍ୟଟକ ଏହି ସ୍ଥାନର ଗୌରବକୁ ଉପଲବ୍ଧ କରିପାରିବେ। ଏଠି ଯେଉଁ ପାଇକ ସ୍ମାରକୀ ନିର୍ମାଣ ହେବ, ତାହା ସ୍ୱାଭିମାନୀ ପାଇକଙ୍କ ବୀରତ୍ୱର ଗାଥାର ପ୍ରତୀକ ସାଜିବ। ଯାହାକୁ ପରବର୍ତ୍ତୀ ପିଢି ପାଇଁ ପ୍ରେରଣାର ଉତ୍ସ ହେବ।

**- ନାରାୟଣ ରାଓ, ଐତିହାସିକ**

" ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମର ମାନ୍ୟତା ଲାଗି ଗତ ବିଧାନସଭାରେ ରାଜ୍ୟ ସରକାର ଶ୍ୱେତପତ୍ର ଜାରି କରିଛନ୍ତି। ଏଥିଲାଗି ସରକାର ସଚେତନ ରହିଛନ୍ତି। ସ୍ମାରକୀ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ପ୍ରଚେଷ୍ଟା କରିବି।

**- ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ବିଧାୟକ**

" ୨୦୧୭ ଜୁଲାଇ ୧୮ରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମର ମାନ୍ୟତା ଦେବାକୁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତତ୍କାଳୀନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଚିଠି ଲେଖିଥିଲେ। ଚିଠିରେ ଏହାକୁ ପ୍ରଥମ ସ୍ୱାଧିନତା ସଂଗ୍ରାମ ଭାବେ ଘୋଷଣା କରିବାକୁ ଅନୁରୋଧ କରିଥିଲେ। ସେହିବର୍ଷ ଜୁଲାଇ ୨୦ରେ ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଉତ୍ସବ ନୂଆଦିଲୀରେ ପାଳିତ ହୋଇଥିଲା।

**-ରାଜେନ୍ଦ୍ର ସାହୁ, ବେଗୁନିଆ ବିଧାୟକ**

**୨ ଗୋରୁ ବୋଝେଇ ଗାଡ଼ି ମଧ୍ୟରେ ଧକ୍କା**

ବାରଙ୍ଗ,(ଡି.ଏନ୍.ଏ.)- ସାନମୁଣ୍ଡଳି ଗାଁ ପାଖରେ ବୁଧବାର ଭୋର ସମୟରେ ୨ଟି ଗୋରୁ ବୋଝେଇ ଗାଡ଼ି ମଧ୍ୟରେ ଧକ୍କା ହୋଇଛି। ଫଳରେ ଏହି ରାସ୍ତାରେ ଗୋଡିସାହି ଫାଣ୍ଡି ଦେଇ ଗୋରୁ ଚାଲାଣ ହେଉଥିବାର ଜଣାପଡିଛି। ବୁଧବାର ଭୋରରୁ ଓଆର୦୫-ଏଜେଡ୍-୫୭୬୧ନଂ ପିକଅପ୍ ଭ୍ୟାନ ଓ ଓଆର୦୫-ଏମ୍-୪୫୫୬ ନଂ. ପିକଅପ୍ ଭ୍ୟାନରେ ୪ଟି ଗୋରୁକୁ ନେଇ ଆଠଗଡ ପଟରୁ କଟକ ଆଡକୁ ଆସୁଥିଲେ। ୨ଟି ଗାଡି ଆଗପଛ ହୋଇ ଆସୁଥିବା ବେଳେ ଦୁହିଙ୍କ ମଧ୍ୟରେ ସାନମୁଣ୍ଡଳି ଗାଁ ପାଖରେ ଧକ୍କା ହୋଇଥିଲା। ଚାଳକ ଗାଡି ଛାଡି ଦୌଡି ପଳାଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିବା ସହ ଗୋରୁ ଦୁଇଟିରେ ଚିକିତ୍ସା କରି ସାମୟିକ ଭାବେ ସେବା ଶୁଶ୍ରୁଷା କରିବାକୁ ଜଣଙ୍କୁ ହସ୍ତାନ୍ତର କରିଛନ୍ତି।



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

ଭୁବନେଶ୍ୱର,୭।୧୨(ବ୍ୟୁରୋ): ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ମହିଳା ଥାନା ପୋଲିସ ବୁଧବାର ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳର ରାମକୃଷ୍ଣ ଦାଶ(୩୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ପୀଡ଼ିତାଙ୍କୁ ୨୦୨୧ ଡିସେମ୍ବର ୧୪ରେ ରାମକୃଷ୍ଣ ବୈଦିକ ରୀତିରେ ବିବାହ କରିଥିଲା। ପରବର୍ତ୍ତୀ ସମୟରେ ରାମକୃଷ୍ଣ ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖୁଥିଲେ। ପୀଡ଼ିତା ଏହାକୁ ବିରୋଧ କରିବାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ପରବର୍ତ୍ତୀ ସମୟରେ ରାମକୃଷ୍ଣ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହିତ ଯୌତୁକ ପାଇଁ ୫ ଲକ୍ଷ ଟଙ୍କା ଦାବି କରିଆସୁଥିଲେ। ଏପରିକି ପୀଡ଼ିତା ୪ ମାସର ଗର୍ଭବତୀ ହୋଇଥିବା ବେଳେ ରାମକୃଷ୍ଣ ତାଙ୍କୁ ଗର୍ଭପାତ କରିବା ପାଇଁ ଔଷଧ ଦେବାରୁ ତାଙ୍କର ଗର୍ଭ ନଷ୍ଟ ହୋଇଯାଇଥିଲା। ପରେ ରାମକୃଷ୍ଣ ପୀଡ଼ିତାଙ୍କୁ ଏକ ତକିଆରେ ଶ୍ୱାସରୁଦ୍ଧ କରି ଜୀବନରୁ ମାରିଦେବାକୁ ଉଦ୍ୟମ କରୁଥିବା ସମୟରେ ଦିଅର ତାଙ୍କୁ ସୁରକ୍ଷା ଦେଇଥିଲେ। ଘଟଣାର ପରଦିନ ରାମକୃଷ୍ଣ ଜଣେ ଯୁବତୀଙ୍କ ସହିତ ଖସି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ସ୍ଥାନୀୟ ରେଲୱେ ଷ୍ଟେସନରେ ପୀଡିତା ଅଟକାଇବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତ ଉତ୍କ୍ଷିପ୍ତ ହୋଇ ରେଲୱେ ଲାଇନ ଉପରକୁ ଧକ୍କା ଦେଇଥିଲେ। ସୌଭାଗ୍ୟବଶତଃ ପାଖରେ ପୀଡିତାଙ୍କ ଶାଶୂ ଧରି ନେବାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ । ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲା।

### କ୍ୱାର୍ଟର ଫାଇନାଲରେ ବରାହିପୁର, ଘାଟିକିଆ

ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ

ବାରଙ୍ଗ,୭।୧୨(ଡି.ଏନ୍.ଏ.)-ଗଣ୍ଡରପୁର ୟୁନାଇଟେଡ ୟୁଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଗଣ୍ଡରପୁର ନଦୀପଠାରେ ଥିବା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ୨୦ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଥିଲା ଚତୁର୍ଥ ଦିବସ। ୩ଟି ପର୍ଯ୍ୟାୟରେ ଏହି ଟୁର୍ନାମେଣ୍ଟ ଖେଳାଯାଉଥିବାବେଳେ ବୁଧବାର ଦୁଇଟି ପର୍ଯ୍ୟାୟରେ କେବଳ ଗ୍ରାମାଞ୍ଚଳକୁ ନେଇ ଖେଳ ହୋଇଥିଲା। ମୁଖ୍ୟ ଅତିଥିଭାବେ ଦୁର୍ଗା ସାମନ୍ତରାୟ ଯୋଗଦେଇ ଚତୁର୍ଥଦିନର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବୁଧବାର ଗ୍ରାମାଞ୍ଚଳ ବର୍ଗରେ ଦୁଇଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ସୁପ୍ରିମ ଫୁଟବଲ କ୍ଲବ ବରାହିପୁର ସହ ମଦନମୋହନ ସ୍ପୋର୍ଟିଂ କ୍ଲବ ଉଷୁମା ମଧ୍ୟରେ ହୋଇଥିଲା। ଏଥିରେ ବରାହିପୁର ୩-୧ ଗୋଲରେ ଉଷୁମାକୁ ହରାଇ କ୍ୱାର୍ଟରଫାଇନାଲକୁ ପ୍ରବେଶ କରିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ ବଜରଙ୍ଗବାଲି କ୍ଲବ ଘାଟିକିଆ ସହ ବାଞ୍ଛାମଣି କ୍ଲବ ଟାଙ୍ଗିବନ୍ତ ମଧ୍ୟରେ ହୋଇଥିଲା। ଏଥିରେ ଘାଟିକିଆ ୩-୧ ଗୋଲରେ ଟାଙ୍ଗିବନ୍ତକୁ ହରାଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ପ୍ରଥମ ମ୍ୟାଚରେ ରାଜେଶ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ମ୍ୟାନ ଅଫ୍ ଦି ମ୍ୟାଚ୍ ତୋଫାନ ନାୟକ ହୋଇଥିଲେ। ଗୁରୁବାର ୩ଟି ପର୍ଯ୍ୟାୟରେ ହେବାକୁଥିବା ଖେଳ ମଧ୍ୟରେ ଗ୍ରାମାଞ୍ଚଳରୁ ଦୁଇଟି ମ୍ୟାଚ ହେବ। ପ୍ରଥମ ମ୍ୟାଚ ଜୟପୁର ସହ ବ୍ରାହ୍ମଣଗାଁ ଓ ଦ୍ୱିତୀୟ ମ୍ୟାଚ ପ୍ରତାପନଗରୀ ସହ ବାର୍ଦ୍ଧା ମଧ୍ୟରେ ହେବ। ସେହିଭଳି ସହରାଞ୍ଚଳର କାମେରୁନ-୧୧ ସହ ସମ୍ବଲପୁର ୟୁନାଇଟେଡ କ୍ଲବ ମଧ୍ୟରେ ଖେଳାଯିବ ବୋଲି କ୍ଲବର ସମ୍ପାଦକ ମାନସ ରଞ୍ଜନ ପଢିଆରୀ ସୂଚନା ଦେଇଛନ୍ତି।

# ବିଏମ୍‌ସିକୁ ଆଇଏସ୍‌ସି-ଫିକି ପରିମଳ ଆୱାର୍ଡ

ଭୁବନେଶ୍ୱର,୭।୧୨(ବ୍ୟୁରୋ)



'ଆଇଏସ୍‌ସି-ଫିକି ପରିମଳ ଆୱାର୍ଡ' ଗ୍ରହଣ କରୁଛନ୍ତି ବିଏମ୍‌ସି ମେୟର ସୁଲୋଚନା ଦାସ ।

ସହରାଞ୍ଚଳ ପରିମଳ ବ୍ୟବସ୍ଥାରେ ବିଭିନ୍ନ ପଦକ୍ଷେପ ପାଇଁ ଓଡ଼ିଶାକୁ ୩ଟି ଜାତୀୟ ପୁରସ୍କାର ମିଳିଛି। ମଳ ଉପଚାର ପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)କୁ 'ଆଇଏସ୍‌ସି-ଫିକି ପରିମଳ ଆୱାର୍ଡ' ପ୍ରଦାନ କରାଯାଇଛି। ଏହାସହ ପରିମଳ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ କାର୍ଯ୍ୟ କରୁଥିବା ଭଦ୍ରକ ମ୍ୟୁନିସିପାଲିଟିର ଜଣେ ସ୍ୱଚ୍ଛସାଥୀଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ପରିମଳ ବ୍ୟବସ୍ଥାରେ ଶ୍ରେଷ୍ଠ ଦକ୍ଷତା ପ୍ରତିପାଦନ ପାଇଁ ଯାଜପୁର ମ୍ୟୁନିସିପାଲିଟିକୁ ମଧ୍ୟ ପୁରସ୍କାର ମିଳିଛି। ଗତ ୭ ଓ ୮ ତାରିଖ ଦୁଇଦିନ ଧରି ଦିଲ୍ଲୀଠାରେ ଆୟୋଜିତ ଆଇଏସ୍‌ସି-ଫିକି ସାନିଟେଶନ ଆୱାର୍ଡସ ସେରିମନି ଆଣ୍ଡ୍ ଇଣ୍ଡିଆ ସାନିଟେଶନ କନ୍‌କ୍ଲେଭ୍‌ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ସ୍ୱତନ୍ତ୍ର ଜ୍ଞାନକୌଶଳ ପ୍ରୟୋଗ କରି ମଳ ଉପଚାରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ଭୁବନେଶ୍ୱରକୁ ଜାତୀୟ ସ୍ତରରେ ପୁରସ୍କାର ମିଳିଛି। 'ଫିକି' ପକ୍ଷରୁ ଏନେଇ ଏକ ପ୍ରତିଯୋଗିତା କରାଯାଇଥିଲା। ସ୍ୱେରେଜ, ସେପ୍‌ଟେଜ ଓ ଫିକାଲ୍ ସ୍ଲଜ୍ ମ୍ୟାନେଜମେଣ୍ଟ କ୍ଷେତ୍ରରେ ମାନଦଣ୍ଡ ପୂରଣ କରିବା ସହିତ ଭୁବନେଶ୍ୱର ଅନ୍ୟ ସହର ତୁଳନାରେ ଉନ୍ନତ ପ୍ରଦର୍ଶନ କରିଛି। ସହରର ପ୍ରତି ଘରକୁ ସ୍ୱେରେଜ୍ ଲାଇନ ସଂଯୋଗ ସହିତ ଘରୁ ସେସପୁଲ ଗାଡ଼ି ଯୋଗେ ବର୍ଜ୍ୟ ଜଳ ନିଆଯାଉଛି। ଏହାକୁ ଅତ୍ୟାଧୁନିକ ପଦ୍ଧତିରେ ପରିଚାଳନା କରାଯାଉଛି। ସେହିପରି ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଖିଲାପକାରୀଙ୍କ ବିରୋଧରେ ବିଏମ୍‌ସି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ନଜିର ରହିଛି। ପୁରସ୍କାର ଗ୍ରହଣ କରିବା ଅବସରରେ ମେୟର ସୁଲୋଚନା ଦାସ କହିଛନ୍ତି, ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ପଦକ୍ଷେପକୁ ରାଜଧାନୀବାସୀ ଗ୍ରହଣ କରୁଥିବାରୁ ବିଏମ୍‌ସିକୁ ଏହି ସଫଳତା ମିଳିଛି। ବିଏମ୍‌ସିର ପଦକ୍ଷେପ ଅନ୍ୟମାନଙ୍କ ପାଇଁ ମଡେଲ ସାଜିବା ସହ ସ୍ୱୀକୃତି ମିଳିଛି। ଏହି ସଫଳତା ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ରେ ଭୁବନେଶ୍ୱରକୁ ଆଗକୁ ନେବାରେ ସହାୟକ ହେବ ବୋଲି ବିଏମ୍‌ସି ଆଶା ରଖିଛି।

**ରାଜ୍ୟର ୩ ପୌରସଂସ୍ଥାକୁ ଜାତୀୟ ପୁରସ୍କାର**

- ଭଦ୍ରକ ଓ ଯାଜପୁର ମ୍ୟୁନିସିପାଲିଟି ମଧ୍ୟ ପୁରସ୍କୃତ
- ଶୁଭେଚ୍ଛା ଜଣାଇଲା ନଗର ଉନ୍ନୟନ ବିଭାଗ

ଅନ୍ୟପଟେ ପୁରସ୍କାର ପାଇଥିବା ଭଦ୍ରକ ମ୍ୟୁନିସିପାଲିଟିର ସ୍ୱଚ୍ଛସାଥୀ ୨୬ ବର୍ଷୀୟା ସସ୍ମିତା ବାରିକ ସହରର ପରିମଳ ରକ୍ଷା ଦିଗରେ ଲୋକଙ୍କୁ ସଚେତନ କରିବା ସହିତ ମଳ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କାର୍ଯ୍ୟ କରୁଛନ୍ତି। ୨୦୧୯ରୁ ସେ ବିଭିନ୍ନ କ୍ଷେତ୍ରରେ ପୁରସ୍କାର ଜିତି ଆସୁଛନ୍ତି। ଚଳିତବର୍ଷ ପୁରସ୍କାର ଗ୍ରହଣ କରିବା ପାଇଁ ବିଏମ୍‌ସି ମେୟରଙ୍କ ସହ ୫ ଜଣିଆ ଟିମ ଯାଇଥିବାବେଳେ ଭଦ୍ରକର ସସ୍ମିତା ବାରିକ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଦିଲ୍ଲୀ ଯାଇଥିଲେ। ଜାତୀୟ ସ୍ତରର ପୁରସ୍କାର ପାଇବା ପରେ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ୩ ପୌର ସଂସ୍ଥାକୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ବିବାହିତା ନାବାଳିକା ଉଦ୍ଧାର

ଭୁବନେଶ୍ୱର, ୭।୧୨ (ବ୍ୟୁରୋ):

ରାଜଧାନୀରୁ ଜଣେ ବିବାହିତା ନାବାଳିକାଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରିଛି । ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରି ବିହାର ଅଞ୍ଚଳରେ ଏକ ୧୫ ବର୍ଷୀୟା ବିବାହିତ ନାବାଳିକାଙ୍କୁ ସ୍ଥାନୀୟ ପୋଲିସର ମିଳିତ ଉଦ୍ୟମରେ ମଣ୍ଡପ ବସ୍ତିରୁ ଉଦ୍ଧାର କରିବାରେ ସଫଳ ହୋଇଛି ଚାଇଲ୍ଡ ଲାଇନ। ଏହାପରେ ବିବାହିତା ନାବାଳିକାଙ୍କୁ ସିଡବ୍ଲ୍ୟୁସିରେ ହସ୍ତାନ୍ତର କରାଯାଇଥିଲା। ସେଠାରୁ ନାବାଳିକାଙ୍କୁ କଳିଙ୍ଗବିହାରରେ ଥିବା ଏକ ଓପନ ସେଣ୍ଟରକୁ ପଠାଯାଇଥିବା ଚାଇଲ୍ଡ ଲାଇନ ପକ୍ଷରୁ ସୂଚନା ଦିଆଯାଇଛି । ଏହାସହ ଚନ୍ଦ୍ରଶେଖରପୁର ଥାନାରେ ଏକ ମାମଲା ହୋଇଥିବା ଜଣାପଡିଛି।

ସୂଚନାନୁସାରେ ନାବାଳିକା ଜଣଙ୍କ ଖୋର୍ଦ୍ଧା ଅଞ୍ଚଳର ଅକ୍ଷୟ କୁମାର ବେହେରାଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ପରିବାରଙ୍କ ସହମତିରେ ବିବାହ କରିଥିଲେ। କିଛି ଦିନ ଶାଶୂ ଘରେ ରହିବା ପରେ ନାବାଳିକା ଜଣଙ୍କ ମଣ୍ଡପ ବସ୍ତିରେ ରହୁଥିବା ବାପାଙ୍କ ଘରକୁ ଆସିଥିଲେ। ସ୍ଥାନୀୟ ଲୋକେ ଚାଇଲ୍ଡ ଲାଇନକୁ ଖବର ଦେଇଥିଲେ। ଚାଇଲ୍ଡ ଲାଇନ ଚନ୍ଦ୍ରଶେଖରପୁର ଥାନାରେ ଜଣାଇଥିଲେ। ଏହାପରେ ମିଳିତ ଭାବେ ନାବାଳିକାଙ୍କ ଘରକୁ ଯାଇ ଉଦ୍ଧାର କରିଥିଲେ। ଏହାସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ପୋଲିସ।

# ଆଜି ଆଞ୍ଚଳିକ ରାଜଭାଷା ସମ୍ମିଳନୀ




ଆଞ୍ଚଳିକ ରାଜଭାଷା ସମ୍ମିଳନୀ ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଉଛି ।

ଭୁବନେଶ୍ୱର, ୭।୧୨(ବ୍ୟୁରୋ)

ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗ ପକ୍ଷରୁ ଗୁରୁବାର ଆଞ୍ଚଳିକ ରାଜଭାଷା ସମ୍ମିଳନୀ ଆୟୋଜନ କରାଯିବ। ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ(ଆଇଆଇଏମ୍‌ଟି) ପରିସରରେ ଏହି ସମ୍ମିଳନୀ ଓ ପୁରସ୍କାର ବିତରଣ ସମାରୋହ ସକାଳ ସାଢ଼େ ୯ଟାରୁ ଆରମ୍ଭ ହେବ। ପୂର୍ବ ଓ ଉତ୍ତର-ପୂର୍ବ କ୍ଷେତ୍ରର କେନ୍ଦ୍ର ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ପାଇଁ ଆୟୋଜିତ ଏହି ସମ୍ମିଳନୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ର ଅଧ୍ୟକ୍ଷତା କରିବେ। ବିଶେଷ ଅତିଥି ଭାବେ ରାଜଭାଷା ଉପରେ ଗଠିତ ସଂସଦୀୟ ସମିତିର ଉପାଧ୍ୟକ୍ଷ ଭର୍ତ୍ତୃହରି ମହତାବ ଯୋଗଦେବେ। ଏହା ବ୍ୟତୀତ ରାଜଭାଷା ବିଭାଗର ଯୁଗ୍ମ ସଚିବ ଡକ୍ଟର ମୀନାକ୍ଷୀ ଜୋଲି, କେନ୍ଦ୍ର ସରକାର ଏବଂ କେନ୍ଦ୍ର ସରକାରୀ ପ୍ରତିଷ୍ଠାନର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିବେ। ସମାରୋହରେ ରାଜଭାଷାର ପ୍ରଚାରପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କେନ୍ଦ୍ର ସରକାରୀ ଅଧିକାରୀ, ବ୍ୟାଙ୍କ ଓ ଉଦ୍ୟୋଗଗୁଡ଼ିକୁ ବିଭିନ୍ନ ବର୍ଗରେ ପୁରସ୍କୃତ କରାଯିବ ବୋଲି ବୁଧବାର ଯୁଗ୍ମ ସଚିବ ଡ. ଜୋଲି ଏହି ସୂଚନା ଦେଇଛନ୍ତି। ହିନ୍ଦୀ ଭାଷାର ବିକାଶ ପାଇଁ ସମ୍ବିଧାନର ଅନୁଚ୍ଛେଦ ୩୫୧ରେ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି।



ବିଭିନ୍ନ ଦାବିନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଦିନରେ ଧାରଣା ଦେଉଥିବା ଆନ୍ଦୋଳନକାରୀମାନେ ଶୀତ କାକରରେ ଖୋଲା ଆକାଶତଳେ ରାସ୍ତାରେ ଶୋଇଥିବା ଦୃଶ୍ୟ । (ଫଟୋ-ମୌସମ)

# 'ଶେଷ ସାଥୀ'ର ଶୁଭାରମ୍ଭ




ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ 'ଶେଷ ସାଥୀ'କୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

ଭୁବନେଶ୍ୱର, ୭।୧୨(ବ୍ୟୁରୋ)

ଜୟ ଓଡ଼ିଶା ପକ୍ଷରୁ 'ଶେଷ ସାଥୀ' ଭଳି ଏକ ମହତ୍ତ୍ୱ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଗାଡ଼ିଟି ଏକ ସ୍ୱର୍ଗରଥ ରୂପେ କାର୍ଯ୍ୟ କରିବ। ଭୁବନେଶ୍ୱରର ଯେକୌଣସି ସ୍ଥାନରୁ ମର ଶରୀରକୁ ସତ୍ୟ ନଗର ମଶାଣି ପର୍ଯ୍ୟନ୍ତ ମାଗଣାରେ ପହଞ୍ଚାଇବ। ଅର୍ଥାଭାବ କିମ୍ବା ଅନ୍ୟ ଯେକୌଣସି କାରଣ ଯୋଗୁଁ ଏହି ସେବାରୁ ବଞ୍ଚିତ ହେଉଥିବା ସମସ୍ତ ପରିବାର ନିମନ୍ତେ ଏହି ସ୍ୱର୍ଗରଥ ନିୟୋଜିତ ରହିବ। ଏହି ସେବାକୁ ଉପଲବ୍ଧ କରିବା ନିମନ୍ତେ ଜୟ ଓଡ଼ିଶାର ୯୮୫୩୨୨୦୦୨୩ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି। ବୁଧବାର ସତ୍ୟ ନଗର ମଶାଣି ନିକଟରେ ଏହି 'ଶେଷ ସାଥୀ' ଗାଡ଼ିକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମଗ୍ର ଓଡ଼ିଶାବାସୀ ଏକ ପରିବାର ହୋଇଥିବାରୁ ପରିବାରର ସଦସ୍ୟଙ୍କ ଶେଷ ଯାତ୍ରାରେ କିଛି ସେବା ଯୋଗାଇବା ପାଇଁ ଏହା ଜୟ ଓଡ଼ିଶାର ଏକ ଛୋଟ ପ୍ରୟାସ ଅଟେ। ତେଣୁ ଯଦି କୌଣସି ସ୍ଥାନରେ ଯେକୌଣସି ଅଚିହ୍ନା ମୃତଦେହ ଉଦ୍ଧାର ହୁଏ, ତେବେ ସେହି ଶରୀରକୁ ସତ୍ୟ ନଗର ମଶାଣିରେ ପହଞ୍ଚାଇବା ସହିତ ଅନ୍ତିମ ସଂସ୍କାରର ସମସ୍ତ କାର୍ଯ୍ୟ ଜୟ ଓଡ଼ିଶା ଦ୍ୱାରା ସମ୍ପାଦିତ ହେବ। ତେଣୁ ଯେକୌଣସି ବ୍ୟକ୍ତି ଏହି ସହାୟତାର ଆବଶ୍ୟକତା ଥିବା ଅନୁଭବ କଲେ ଯୋଗାଯୋଗ କରିବା ପାଇଁ ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ ଅନୁରୋଧ କରିଛନ୍ତି।

# କଳିଙ୍ଗ ବିହାରରେ ଉଚ୍ଛେଦ ରୋକିଲେ ସୁର

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସାରା ସହରରେ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହିକ୍ରମରେ ବୁଧବାର ଅନେକ ସ୍ଥାନରୁ ଜବରଦଖଲ ହଟାଯାଇଛି। ସେହିପରି କେତେକ ବ୍ୟବସାୟୀଙ୍କଠାରୁ ପଲିଥିନ୍ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଛି।

ଏନ୍‌ଫୋର୍ସମେଣ୍ଟ ଟିମ ୧, ୨ ଓ ୩, ବିଡିଏ ଏବଂ ଆରଆଣ୍ଡବି ଅଧିକାରୀଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତିରେ କଳିଙ୍ଗ ବିହାର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ଆରମ୍ଭ କରାଯାଇଥିଲା। ତେବେ ବିଧାୟକ ସୁରେଶ କୁମାର ରାଉତରାୟ ଓ ସ୍ଥାନୀୟବାସିନ୍ଦାଙ୍କ ତୀବ୍ର ବିରୋଧ ଫଳରେ ଉଚ୍ଛେଦ ପ୍ରକ୍ରିୟା ଅଧାରେ ଅଟକିଥିଲା।

**ପଲିଥିନ୍ ଜବତ, ଜରିମାନା ଆଦାୟ**

ପୂର୍ବରୁ ୩ଥର ସମ୍ପୃକ୍ତ ଅଞ୍ଚଳରେ ବିଡିଏ ପକ୍ଷରୁ ଉଚ୍ଛେଦ ପାଇଁ ଉଦ୍ୟମ କରାଯାଇଛି। ପ୍ରତିଥର ବିଧାୟକ ଓ ଅନ୍ୟମାନଙ୍କ ପ୍ରତିବାଦ ଫଳରେ ଜବରଦଖଲ ଉଚ୍ଛେଦ ସମ୍ଭବ ହୋଇନାହିଁ। ଫଳରେ ରାସ୍ତା ଓ ଡ୍ରେନ୍ କାମ ଅଟକିଥିବା ବିଡିଏ ପକ୍ଷରୁ କୁହାଯାଇଛି। ତେବେ ଏଥିରେ ୨ଟି ଟିଣ ନିର୍ମିତ ଦୋକାନ, ୩ଟି ଦୋକାନ, ୨ଟି କ୍ୟାବିନ, ୪ଟି ବିଜ୍ଞାପନ ବୋର୍ଡ ଭଙ୍ଗାଯାଇଛି।

ସେହିପରି ସ୍କ୍ୱାଡ୍ ୯,୧୦,୧୧ ଓ ୧୨ ଆଚାର୍ଯ୍ୟ ବିହାର ଛକରୁ ଜୟଦେବ ବିହାର ପର୍ଯ୍ୟନ୍ତ ଉଚ୍ଛେଦ କରିଥିଲା। ଏଥିରେ ୫ଟି କ୍ୟାବିନ, ୨ଟି ମାଂସ ଦୋକାନ, ୩ଟି ପିଣ୍ଡି, ୨ଟି ହୋଟେଲ, ଗୋଟିଏ ମାଛ ଦୋକାନ ମାଟିରେ ମିଶିଛି। ଅଶୋକ ନଗର, ବାପୁଜୀ ନଗର, ଖାରବେଳ ନଗର, ପଲାସପଲ୍ଲୀଠାରୁ ବଡେଇବାଙ୍କ ଯାଏ ମାର୍କେଟ ଚେକିଂ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବ୍ୟାନ ହୋଇଥିବା ପଲିଥିନ ଜବତ କରାଯାଇଥିବା ଜଣାପଡ଼ିଛି। ଦୋକାନୀମାନଙ୍କଠାରୁ ମୋଟ ୨୦ କେଜି ପଲିଥିନ ଜବତ ସହିତ ୧୦, ୮୦୦ ଟଙ୍କା ଫାଇନ ଆଦାୟ କରାଯାଇଛି। ଅନ୍ୟପଟେ ୫, ୬, ୭ ଓ ୮ ଏବଂ ୧୩,୧୪, ୧୫ ଓ ୧୬ ଯଥାକ୍ରମେ ଭିଏସ୍‌ଏସ୍ ନଗର, ଫାୟାର ଷ୍ଟେଶନ ଛକ, ସିଆରପି ଛକ, ଓୟୁଏଟି ଛକ, ନୟାପଲ୍ଲୀ ଅଞ୍ଚଳରୁ ଉଚ୍ଛେଦ କରାଯାଇଥିଲା। ଏଥିରେ ଦୋକାନ, ହୋଟେଲ, ପରିବା ଦୋକାନ ଭଙ୍ଗା ଯାଇଥିଲା।

### ମୋବାଇଲ୍ ଲୁଟେରା ଗିରଫ

ଭୁବନେଶ୍ୱର,୭।୧୨(ବ୍ୟୁରୋ):

କ୍ୟାପିଟାଲ ଥାନା ପୋଲିସ ଜଣେ ମୋବାଇଲ୍ ଲୁଟ୍ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ବାପୁଜୀନଗରର ଶଙ୍କର ନାୟକ ଓରଫ ପ୍ରକାଶ(୨୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ଏକ ମୋବାଇଲ ଫୋନ୍ ଜବତ ହୋଇଛି। ଅଭିଯୁକ୍ତ ଶଙ୍କର ପୂର୍ବରୁ ୫ଟି ଚୋରି ଓ ପୋକ୍ସୋ ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିବା ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ ଗତ ଜୁଲାଇ ୨୯ ତାରିଖରେ ଅଭିଯୋଗକାରୀଙ୍କ ଘରକୁ ଶଙ୍କର କିଛି ସାମଗ୍ରୀ କିଣିବାକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କର ମୋବାଇଲ୍ ନେଇ ପଳାଇ ଯାଇଥିଲେ । ଏନେଇ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନବୀନ ନିବାସଠାରେ ସେନାବାହିନୀ କଲ୍ୟାଣ ପାଣ୍ଠିକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରୁଛନ୍ତି ।

# ଅବଦୁଲ କଲାମ୍‌ଙ୍କୁ ଅନୁସରଣ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୭।୧୨(ବ୍ୟୁରୋ)

**ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ସାଇ-ଟେକ୍**



ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ରେ ବାର୍ଷିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମେଳା 'ସାଇ-ଟେକ୍'ର ଷଷ୍ଠ ସଂସ୍କରଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାଇ-ଟେକ୍ ଛାତ୍ରୀଛାତ୍ରଙ୍କୁ ପରିବର୍ତ୍ତିତ ସମୟର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହିତ ପରିଚିତ କରାଇବାର ଏକ ସଫଳ ପ୍ରୟାସ। ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତର ଉଦ୍ଭାବକ, ଗବେଷକ, କନ୍‌ସଲ୍‌ଟାଣ୍ଟ ଓ ଡିଜାଇନର୍ ହେବାକୁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଭୁବନେଶ୍ୱରର ୧୫ଟି ସ୍କୁଲ ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏହି ମେଳାରେ ଅଂଶଗ୍ରହଣ କରିଥିବାବେଳେ ୧୨୦ ପ୍ରୋଜେକ୍ଟ ସାମିଲ ହୋଇଥିଲା। ଡିଆରଡିଓ ଚେୟାରମ୍ୟାନ(ସେପଟମ୍) ଆପାଭୁରଜ୍ ରାମଚନ୍ଦ୍ରନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଡ. ଏପିଜେ ଅବଦୁଲ କଲାମ୍‌ଙ୍କ ନିଷ୍ଠା, ନୈତିକ ମୂଲ୍ୟବୋଧ, ସରଳତା, ଦୂରଦୃଷ୍ଟି ସର୍ବୋପରି ଜାତି ପ୍ରତି ପ୍ରେମ ଓ ମନୋଭାବକୁ ଯଦି ଛାତ୍ରୀଛାତ୍ର ଅନୁସରଣ କରିବେ ତେବେ ସେମାନେ ଭବିଷ୍ୟତର ଲକ୍ଷ୍ୟ ନିଶ୍ଚିତ ରୂପେ ହାସଲ କରିପାରିବେ। ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ସାଇ-ଟେକ୍ ଛାତ୍ରୀଛାତ୍ରଙ୍କୁ ପୃଥିବୀର ନୂତନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଯୋଡ଼ିବାର ଏକ ଉତ୍କୃଷ୍ଟ ପ୍ରୟାସ। ଏହା ସହିତ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମନରେ ଉଦ୍ୟୋଗୀ ହେବା ପାଇଁ ଚାରାରୋପଣ କରିବା ଏହାର ଅନ୍ୟତମ ଲକ୍ଷ୍ୟ। ସେହିପରି ସାଇଟେକ୍‌ର କ୍ରାଇମ୍ ଫରେନସିକ୍ ୱାର୍କଶପ୍‌ରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

ସାଇ-ଟେକ୍‌ରେ ବିଭିନ୍ନ ୱାର୍କଶପ୍ ଯଥା ଟେକ୍ ଟକ୍, ଟେକ୍ ଫେୟାର୍, ଫଟୋଗ୍ରାଫି, ସ୍ପେସ୍ ୱାର୍କ ଆଦି ଆୟୋଜିତ ହୋଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଟେକ୍ କ୍ୟୁ (ବିଜ୍ଞାନ କୁଇଜ୍) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରୁଙ୍ଗଟା ମାଇନ୍ସ, ଜେଜ୍ ଇଷ୍ଟେଟ୍, ନ୍ୟୁରୋକେୟାର ସେଣ୍ଟର, ଜିଜ୍ଞାସୁ, ୟଙ୍ଗ ଥିଙ୍କର, ସ୍ପାର୍କ, ଫର୍‌ୱାର୍ଡ ଆଏ କନ୍‌ସ ଟେକ୍ ବ୍ରେନ୍, ସିଭି ରମନ୍ ଗ୍ଲୋବାଲ୍ ୟୁନିଭର୍ସିଟି ପରି ବିଭିନ୍ନ କମ୍ପାନୀ ଓ ଶିକ୍ଷାନୁଷ୍ଠାନ ଏଥିରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ବିଶିଷ୍ଟ କମେଡିଆନ୍ ସାହିଲ୍ ସାହା ଷ୍ଟେଜ୍ ଶୋ'ରେ ମଜା କଥା, ଅଭିନୟ ଓ ମିମିକ୍ରି ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ମନୋରଞ୍ଜନ କରିଥିଲେ। ପ୍ରତିଭା ଆଶ୍ରମର ପିଲାମାନେ ସାଇ-ଟେକ୍‌ର ଆରମ୍ଭରେ ଏକ ନୃତ୍ୟ ପ୍ରଦର୍ଶନ କରିଥିଲେ। ସ୍କୁଲର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୧୨।୨୦୨୨

| | |
|---|---|
| ୩,୧୫,୮୯୪ ଟଙ୍କା | |
| ସୁନା | ୧.୩୨୦ ଗ୍ରାମ |
| ରୁପା | ୪.୯୦୦ ଗ୍ରାମ |

# ବିଭିନ୍ନ ଦାବି ନେଇ ଶ୍ରମ କାର୍ଯ୍ୟାଳୟ ଘେରାଉ

ପୁରୀ ଅଫିସ,୭।୧୨

କେନ୍ଦ୍ରୀୟ ନିର୍ମାଣ ଶ୍ରମିକମାନଙ୍କ ଡାକରାରେ ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ରାଜ୍ୟ ବ୍ୟାପୀ ବୁଧବାର ଶ୍ରମ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଗଣ ବିକ୍ଷୋଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀରେ ଶ୍ରମିକଙ୍କ ପକ୍ଷରୁ ଶୋଭାଯାତ୍ରା କରାଯିବା ସହ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ କରାଯାଇ ରାଜ୍ୟ ଶ୍ରମ କମିଶନଙ୍କ ଉଦ୍ଦେଶ୍ୟରେ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକଙ୍କ ଅଭିଯୋଗ ଅନୁଯାୟୀ, ନୂଆ ଅନଲାଇନ୍ ବ୍ୟବସ୍ଥା ଦ୍ୱାରା ନୂତନ ପଞ୍ଜୀକରଣ ନବୀକରଣ ଓ ସାହାଯ୍ୟ ପାଇବାରେ ଶ୍ରମିକଙ୍କୁ ଘୋର ଅସୁବିଧା ଉପୁଜି ଛି। ଏଣୁ ଅନଲାଇନ୍ ବ୍ୟବସ୍ଥାରେ ପରିବର୍ତ୍ତନ ଆବଶ୍ୟକ। ଯେଉଁ ଶ୍ରମିକମାନେ ନବୀକରଣ ଟଙ୍କା ଦେଉଛନ୍ତି ତାକୁ ସିଧା ଗ୍ରହଣ କରିବା। ନୂଆ ଅନ୍‌ଲାଇନ୍ ବ୍ୟବସ୍ଥା ପରେ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶ୍ରମିକଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ଡାକିବା ବନ୍ଦ କରାଯାଉ। ବକେୟା ଥିବା ପଞ୍ଜୀକରଣ ଓ ସହାୟତା ସବୁ ଅଗ୍ରାଧିକାର ଭିତ୍ତିରେ




ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଂଗଠନ ପକ୍ଷରୁ ଗଣ ବିକ୍ଷୋଭ କରାଯାଉଛି।

### ରାଜ୍ୟ ଶ୍ରମ କମିଶନଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପ୍ରଦାନ କରାଯାଉ। ପଞ୍ଜୀକରଣ/ ନବୀକରଣ ତାରିଖଠାରୁ ୩ ବର୍ଷ ମଧ୍ୟରେ ମୃତ୍ୟୁବରଣ କରୁଥିବା ହିତାଧିକାରୀଙ୍କର ମନୋନୀତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯାଉ। ପଞ୍ଜୀକରଣ କରିଥିବା ସମସ୍ତ ହିତାଧିକାରୀଙ୍କୁ ୬୦ ବର୍ଷ ପୂରଣ ପରେ ୩୦୦୦ଙ୍କା ପେନସନ୍ ପ୍ରଦାନ। କୋଭିଡ ସହାୟତା ପାଇ ନ ଥିବା ହିତାଧିକାରୀଙ୍କୁ ତୁରନ୍ତ ସହାୟତା ପ୍ରଦାନ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ନିୟମାବଳୀର ସୁପରିଚାଳନା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଘଠନର ପରାମର୍ଶ ନିଆଯାଉ। ସହାୟତା ପାଉଥିବା ହିତାଧିକାରୀଙ୍କ ତାଲିକା ସ୍ୱଚ୍ଛତା ରକ୍ଷା ପାଇଁ ସର୍ବସାଧାରଣରେ ପ୍ରକାଶ କରାଯାଉ ବୋଲି ଶ୍ରମିକ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସେହିପରି ଶ୍ରମ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ, କମ୍ପ୍ୟୁଟର ନ ଥିବାରୁ ଅସ୍ଥାୟୀ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଚାଲିଛି। ଫଳରେ ଶ୍ରମିକମାନେ ସେମାନଙ୍କର ନ୍ୟାୟ ପାଇବାକୁ ବଞ୍ଚିତ ହେଉଛନ୍ତି। ତେଣୁ ଶ୍ରମିକଙ୍କ ସମସ୍ୟା ପ୍ରତି ସରକାର ତୁରନ୍ତ ସମାଧାନ କରନ୍ତୁ ବୋଲି ସଂଘ ଦାବି କରିଛି। ବିକ୍ଷୋଭରେ ଶ୍ରମିକ ନେତା ଜଗନ୍ନାଥ ଦେଓ, ବ୍ରଜବନ୍ଧୁ ପ୍ରଧାନ, ଜ୍ଞାନ ରଞ୍ଜନ ଦାସ, ପ୍ରତାପ ଚିନାରା, ଭୀମସେନ ସ୍ୱାଇଁ, ଲିଟୁଲାଲ ସୁବୁଦ୍ଧି, ବିପିନ ମହାନ୍ତି, ରାଜେନ୍ଦ୍ର ଭୋଳ, ପ୍ରଦୀପ ବିଶ୍ୱାଳ, ଜିତେନ୍ଦ୍ର ବେହେରା, ମହେଶ୍ୱର ମହାରଣା, ଟୁନା ନାୟକ, ହରିହର ସେନାପତି ପ୍ରମୁଖ ଯୋଗଦେଇଥିଲେ।

# ପ୍ରତିଶ୍ରୁତି ପରେ ସରପଞ୍ଚଙ୍କ ଅନଶନ ପ୍ରତ୍ୟାହୃତ

ଡେଲାଙ୍ଗ,୭।୧୨(ଡି.ଏନ୍.ଏ.)

ଗୁଆଳିପଡ଼ା ସରପଞ୍ଚଙ୍କ ସ୍ୱାମୀ ଓ ଦେଢ଼ଶୁରଙ୍କ ନାମରେ ହୋଇଥିବା ମାମଲାକୁ କେନ୍ଦ୍ର କରି ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ ଓ ସେମାନଙ୍କ ସମର୍ଥକମାନେ ଡେଲାଙ୍ଗ ଥାନା ପରିସରରେ ୨ ଦିନ ହେଲା ଅନଶନରେ ବସିଥିଲେ। ପ୍ରଥମ ଦିନରେ ପ୍ରତିଶ୍ରୁତି ପରେ ସରପଞ୍ଚଙ୍କ ଦେଢ଼ଶୁର ତଥା ଏସ୍‌ୟୁସିଆଇ କର୍ମୀ କମ୍ରେଡ୍ ବଟକୃଷ୍ଣ ସ୍ୱାଇଁ ଅନଶନ ପ୍ରତ୍ୟାହାର କରିଥିଲେ। ହେଲେ ସରପଞ୍ଚ ଓ ତାଙ୍କ ସ୍ୱାମୀ ହରେକୃଷ୍ଣଙ୍କ ସମେତ ତାଙ୍କ ସମର୍ଥକମାନେ ଆନ୍ଦୋଳନ ଜାରି ରଖିଥିଲେ। ପିପିଲି ଏସ୍‌ଡିପିଓ ଦେବବ୍ରତ ବରାଳ, ଆଇଆଇସି ଅନିଲ ମହାନ୍ତିଙ୍କ ସହିତ ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ସରପଞ୍ଚ ପ୍ରତିନିଧି ମାମଲା ସମ୍ପର୍କରେ ବୁଧବାର ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ଏସ୍‌ଡିପିଓ ବରାଳ କହିଥିଲେ, ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ସଠିକ ତଦନ୍ତ କରାଯିବ। ଏହାସହ ହୋଇଥିବା ୨ଟି ମାମଲାର ନିରପେକ୍ଷ ତଦନ୍ତ ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ସରପଞ୍ଚ ଗୋଷ୍ଠୀ ଅନଶନ ପ୍ରତ୍ୟାହାର କରିଥିଲେ। ସୂଚନାଥାଉକି, ଗତ ଅକ୍ଟୋବର ୨ରେ ଗୁଆଳିପଡା କଲ୍ୟାଣ ମଣ୍ଡପଠାରେ ଗ୍ରାମସଭା ଚାଲିଥିଲା। ସେହି ସମୟରେ ପୂର୍ବତନ ସରପଞ୍ଚ ଓ ସରପଞ୍ଚ ସମର୍ଥକଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହିତ ଥାନାରେ ଉଭୟ ପକ୍ଷଙ୍କ ଅଭିଯୋଗକୁ ନେଇ ୨ଟି ମାମଲା ରୁଜୁ ହୋଇଥିଲା।

# ପୁଡୁଚେରୀ ସମୁଦ୍ରରେ ଓଡ଼ିଶା ଧ୍ୱଜା ଉଡ଼ାଇଲେ ୨ ପୁରୀ ପୁଅ




ହ୍ୟାରି ରାଓ ଏବଂ ଶୋଭନ ମହାନ୍ତି ପୁଡୁଚେରୀର ସମୁଦ୍ରରେ ଜୟ ଓଡ଼ିଶାର ଧ୍ୱଜା ଉଡ଼ାଉଛନ୍ତି।

ପୁରୀ ଅଫିସ,୭।୧୨

ପୁରୀର ଦୁଇ ସ୍କୁବା ଡ୍ରାଇଭର ହ୍ୟାରି ରାଓ ଓ ଶୋଭନ ମହାନ୍ତି ପୁଡୁଚେରୀର ସମୁଦ୍ର ଭିତରେ ଜୟ ଓଡ଼ିଶାର ଧ୍ୱଜା ଉଡ଼ାଇଛନ୍ତି। ଡ୍ରାଇଭ୍ ଦି ୱାର୍ଲ୍ଡ ଅନୁଷ୍ଠାନ ତରଫରୁ ଆୟୋଜିତ ରାଷ୍ଟ୍ରୀୟ ସ୍କୁବା ଡ୍ରାଇଭିଂ କର୍ମଶାଳାରେ ଯୋଗଦେଇ ପୁଡୁଚେରି ରକ୍ ବିଚ୍ ସମୁଦ୍ର ତଟରେ ଏହି ଦୁଇ ସ୍କୁବା ଡ୍ରାଇଭର ୫୦ ଫୁଟ ପାଣି ଭିତରେ ଓଡ଼ିଶା ଧ୍ୱଜାକୁ ଉଡ଼ାଇଥିଲେ। ଏ ସମ୍ପର୍କରେ ସ୍କୁବା ଡ୍ରାଇଭର ହ୍ୟାରି ରାଓ କହିଛନ୍ତି, ଏହା ତାଙ୍କ ପାଇଁ ଏକ ରୋମାଞ୍ଚକର ଗୌରବର ଦିନ ଏବଂ ପୁରୀ ସହିତ ଓଡ଼ିଶାର ବିସ୍ତୃତ ସମୁଦ୍ର ତଟରେ ସ୍କୁବା ଡ୍ରାଇଭ୍ ପାଇଁ ଅନେକ ସୁଯୋଗ ଅଛି। ଯାହା କେବଳ ଯୁବପିଢ଼ିଙ୍କୁ ସମୁଦ୍ର ପ୍ରତି ଆକୃଷ୍ଟ କରିବ ତାହା ନୁହଁ ଏହାସହିତ ପର୍ଯ୍ୟଟନ କ୍ଷେତ୍ରରେ ଏହା ଅନ୍ୟ ଏକ ଫର୍ଦ୍ଦ ଯୋଡ଼ିପାରିବ। ସୂଚନାଯୋଗ୍ୟ, ହ୍ୟାରି ରାଓ ଜଣେ ଅନ୍ତଃରାଷ୍ଟ୍ରୀୟ କୋଚ୍ ଭାବେ ନିଜ ପରିଚୟ ସୃଷ୍ଟି କରିଥିବା ବେଳେ ଶୋଭନ ମହାନ୍ତି ସୋୟା ୟୁନିଭରସିଟିର ଛାତ୍ର ଅଟନ୍ତି।

## ସଂକ୍ଷେପରେ

### ଏଏପିର ବିଜୟ ଉତ୍ସବ ପାଳିତ

**ପୁରୀ ଅଫିସ,୭।୧୨:** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଦିଲ୍ଲୀ ଏମ୍‌ସିଡିରେ ଐତିହାସିକ ବିଜୟ ଲାଭ କରିଛି। ଭାଜପାର ଦୀର୍ଘ ୧୫ ବର୍ଷ ପରେ ଏଏପି ଦିଲ୍ଲୀ ଏମ୍‌ସିଡିକୁ ଅକ୍ତିଆର କରିଛି। ଏହି ଅବସରରେ ପୁରୀ ସଂଗଠନ ତରଫରୁ ଶ୍ରୀଗୁଣ୍ଡିଚା ସମ୍ମୁଖରେ ଢୋଲ ବାଜା, ବାଣ ଏବଂ ମିଠା ବଜାଇ ଧୁମ୍‌ଧାମ୍‌ରେ ବିଜୟ ଉତ୍ସବ ପାଳନ ହେଇଛି। ଯେଉଁ ଅଞ୍ଚଳରେ କଂଗ୍ରେସ ଶାସନରେ ଅଛି, ସେଠି ଆମ୍ ଆଦ୍‌ମୀ ପାର୍ଟି ଜିତୁଛି ବୋଲି ଯୋଉ ମିଥ୍ୟା ପ୍ରଚାର ଚାଲିଥିଲା ତାକୁ ଆଜି ଦିଲ୍ଲୀରେ ଜନସାଧାରଣ ଉଚିତ୍ ଜବାବ୍ ଦେଇ କାମର ରାଜନୀତିକୁ ଯେକୌଣସି ସ୍ଥାନରେ ବିଜୟ କରିପାରିବେ ବୋଲି ସାରା ଭାରତକୁ ଏକ ବଡ଼ ସନ୍ଦେଶ ଦେଇଛନ୍ତି। ଏହି ବିଜୟ ଉତ୍ସବରେ ଜିଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଜିଲା ସୋସିଆଲ ମିଡିଆ ଅଧକ୍ଷ ସମୀର ସାମନ୍ତରାୟ, ଜିଲା ଯୁବ ସମ୍ପାଦକ ସୁନୀଲ ଜେନା, ଅନିଲ ସେନାପତି, ପାର୍ବତୀ ପ୍ରଧାନ, ଜୟନ୍ତୀ ଜେନା, ବିରଜା ପ୍ରସାଦ ନାଥ, ସୁଧାଂଶୁ ଶେଖର ଏବଂ ତ୍ରିଲୋଚନ ଦାସ ଆଦି ସଦସ୍ୟ ଉପସ୍ଥିତ ରହି ବିଜୟ ଉତ୍ସବ ପାଳନ କରିଥିଲେ।

### ନଦୀରେ ବସା ଯୋଗୁ ବ୍ୟାପୁଛି ଚର୍ମରୋଗ

**କଣାସ,୭।୧୨(ସ୍ୱ.ପ୍ର.):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ଓ ମକରା ନଦୀରେ ଭୁବନେଶ୍ୱରର ନର୍ଦ୍ଦମା ଜଳ ପ୍ରବାହିତ ହୋଇ ବିଷାକ୍ତ ହୋଇପଡିଛି। ଏଥିସହ କେତେକ ମତ୍ସ୍ୟଜୀବୀ ଓ ଅଣମତ୍ସ୍ୟଜୀବୀ ନିଜ ନିଜ ଗ୍ରାମ ନିକଟରେ ଦଳ ଜମା କରି ବସା କରୁଛନ୍ତି। ସେଥିରୁ ଅଧିକ ମାଛ ମାରିବା ପାଇଁ ମଲାଗାଈ, କୁକୁର, ବଜାରରୁ ଛେଳି ଓ କୁକୁଡାଙ୍କ ଅନ୍ତନାଡା ଆଣି ପକାଉଛନ୍ତି। ଫଳରେ ନଦୀଜଳ ଦୂଷିତ ହୋଇ ନଦୀକୂଳ ଗ୍ରାମରେ ଚର୍ମ ରୋଗ ବ୍ୟାପୁଥିବା ଦେଖିବାକୁ ମିଳୁଛି। ଏନେଇ ବାରମ୍ବାର କିଛି ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ ବସା ପଡୁଥିବା ସମ୍ପର୍କରେ ସ୍ଥାନୀୟ ତହସିଲଦାର, ବିଡିଓ ଓ ପୁରୀ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ହେଲେ ମଧ ପ୍ରଶାସନ କାହିଁକି ଚୁପ ରହୁଛି ତାହା ଆଲୋଚନାର ବିଷୟ ପାଲଟିଛି।




ଅଲ୍ ଓଡ଼ିଶା ଉପକନିଷ୍ଠ ରଗ୍‌ବୀ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବା ପାଇଁ ବୁଧବାର ଭୁବନେଶ୍ୱର ଯାତ୍ରା କରିଥିବା ପୁରୀ ଦଳର ଖେଳାଳି।

## ପୁରୀ ରଗ୍‌ବୀ ଉପକନିଷ୍ଠ ଦଳର ଭୁବନେଶ୍ୱର ଯାତ୍ରା

ପୁରୀ ଅଫିସ, ୭।୧୨

ଅଲ୍ ଓଡ଼ିଶା ଉପକନିଷ୍ଠ ରଗ୍‌ବୀ ପ୍ରତିଯୋଗିତାରେ ପୁରୀ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ପୁରୀ ଦଳ ବୁଧବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ଉକ୍ତ ରଗ୍‌ବୀ ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ପୁରୀର ଉଭୟ ବାଳିକା ଓ ବାଳକ ଦଳ ଭାଗ ନେବେ। ଅଲ୍ ଓଡ଼ିଶା ଉପକନିଷ୍ଠ ରଗ୍‌ବୀ ଚାମ୍ପିୟନ୍‌ଶିପ୍‌ରେ ଭଲ ପ୍ରଦର୍ଶନ କରିଥିବା ୧୨ ବାଳିକା ଓ ୧୨ ବାଳକ ଖେଳାଳି ଓଡ଼ିଶା ପକ୍ଷରୁ ଜାତୀୟସ୍ତରୀୟ ରଗ୍‌ବୀ ଚାମ୍ପିୟନ୍‌ଶିପ ପାଇଁ ଚୟନ କରାଯିବ। ଜାତୀୟ ସ୍ତରୀୟ ପ୍ରତିଯୋଗିତା ଗୁଜୁରାଟରେ ହେବ ବୋଲି ଜିଲା ରଗ୍‌ବୀ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ଭାଗନେବାକୁ ଯାଇଥିବା ଜିଲା ରଗ୍‌ବୀ ଉପକନିଷ୍ଠ ଦଳକୁ ଝାଡେଶ୍ୱରୀ କ୍ଲବ୍‌ର ସମ୍ପାଦକ ପାର୍ଥସାରଥି ମହାପାତ୍ର ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁଙ୍କ ନିକଟରେ ଶୁଭକାମନା ଜଣାଇଛନ୍ତି।

# ପ୍ରକଳ୍ପର ସବିଶେଷ ତଥ୍ୟ ଲୋକଙ୍କୁ ଅବଗତ କରାଯାଉ

ପୁରୀ ଅଫିସ, ୭।୧୨

ରାଜ୍ୟ ସରକାର ବିଭିନ୍ନ ଯୋଜନା ଘୋଷଣା କରିବା ପୂର୍ବରୁ ସମସ୍ତ ଦିଗ ଅନୁଧାନ କରି ଘୋଷଣା କରିବାକୁ ବୁଧବାର ହାଇକୋର୍ଟରେ ଏକ ପିଆଇଏଲ୍ ବା ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ପୁରୀ ଜିଲା ବଳଙ୍ଗା ଥାନା ଅଧୀନ କମାକଣ୍ଟିଆର ସାମାଜିକ କର୍ମୀ ଦିଲୀପ ବରାଳ ଏହି ଜନସ୍ୱାର୍ଥ ମାମଲା (ନଂ. ଡବ୍ଲୁପି (ସି)/୩୩୫୯୫/୨୦୨୨) ଦାୟର କରିଛନ୍ତି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଆଇନ ବିଭାଗର ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଏହି ମାମଲାରେ ଆବେଦକାରୀ ବରାଳ ଦର୍ଶାଇଛନ୍ତି ଯେ, ଭାରତର ସମ୍ବିଧାନ ଅଧ୍ୟାୟ-ଚତୁର୍ଥ ମଧ ଲୋକଙ୍କ କଲ୍ୟାଣ ପାଇଁ ଆଇନ ଗଠନ କରୁଛି। ସେହି ଅନୁଯାୟୀ ସରକାର ରାଜ୍ୟବାସୀଙ୍କ ସୁବିଧା ପାଇଁ ଅନେକ କଲ୍ୟାଣମୂଳକ କାର୍ଯ୍ୟ କରଛନ୍ତି। ଅଧିକାଂଶ ସମୟରେ ସରକାର

### ରାଜ୍ୟ ସରକାରଙ୍କ ଯୋଜନା ଘୋଷଣାକୁ ନେଇ ମାମଲା

ଅନେକ ପ୍ରକଳ୍ପ ଘୋଷଣା କରନ୍ତି। ତେବେ କେତେକ କଲ୍ୟାଣମୂଳକ କାର୍ଯ୍ୟ ମକଦ୍ଦମା ଓ ବିବାଦକୁ ଆମନ୍ତ୍ରଣ କରିଥାଏ। ଲୋକଙ୍କ ଅଧିକାର ସହିତ ଦ୍ୱନ୍ଦ୍ୱ ଦେଖାଯାଇଥାଏ। ଯାହା ପରବର୍ତ୍ତୀ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବା ସହ କୋର୍ଟରେ ମାମଲା ପରେ ମାମଲା ରୁଜୁ ହୋଇଥାଏ। ଅତୀତରେ ଶ୍ରୀଜଗନ୍ନାଥ ହେରିଟେଜ୍ ପ୍ରକଳ୍ପ ସହ ଅନେକ ବିବାଦ ଦେଖାଦେଇଛି। ଯେଉଁଠାରେ ଜଣାପଡିଥିଲା ସରକାର ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁସରଣ ନ କରି ଏବଂ ଆବଶ୍ୟକ ଅନୁମତି ନ ନେଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ମାମଲା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟକୁ ଯାଇଥିଲା। ଏହି ଘଟଣାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ହୋଇଥିଲା। ଏପରିକି ଏହି ଘଟଣା ସଂସଦରେ ଉପସ୍ଥାପିତ ହୋଇଥିଲା। ଏହାର ଆଇନଗତ ଯାଞ୍ଚ ପାଇଁ ଏକ କମିଟି ଗଠନ କରାଯାଇଥିଲା। ତେବେ ସରକାରଙ୍କ ଦ୍ୱାରା ଯୋଜନା କରାଯାଉଥିବା ବିଭିନ୍ନ ପ୍ରକଳ୍ପର ଅନୁମତି ନ ଥିବାରୁ ଅନେକ ସମସ୍ୟା ସୃଷ୍ଟି କରୁଛି। କାରଣ ବିକାଶ ମୂଳକ ପ୍ରକଳ୍ପ ବିଷୟରେ କୌଣସି ସୂଚନା ଦିଆଯାଉନାହିଁ। ଫଳରେ ଅଯଥା ବିବାଦ ସୃଷ୍ଟି ହେବା ସହ ମକଦ୍ଦମା ଦାୟର ହେଉଛି। ଏଥିସହ ବିଭିନ୍ନ ଯୋଜନାକୁ ନେଇ ରାଜନୀତିକରଣ ହେବା ସହ ଲୋକଙ୍କ ସମୟ ନଷ୍ଟ ହେଉଛି। ଆବଶ୍ୟକ ଅନୁମତି ନ ଥିବାରୁ ପ୍ରକଳ୍ପ ବେଆଇନ ବିବେଚିତ ହେବା ସହ ଲୋକଙ୍କର ଅର୍ଥ ଅପଚୟ ହେଉଛି, ଯାହା ନିୟନ୍ତ୍ରଣ ହେବା ଆବଶ୍ୟକ। ଘଟଣାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ସରକାର ପ୍ରକଳ୍ପର ଯୋଜନା କରିବା ପୂର୍ବରୁ ବିଭିନ୍ନ ଦିଗକୁ ଅନୁସରଣ କରି କାର୍ଯ୍ୟକରିତା ସମ୍ପର୍କରେ ରାଜ୍ୟବାସୀଙ୍କୁ ଅବଗତ କରାନ୍ତୁ ବୋଲି ସାମାଜିକ କର୍ମୀ ବରାଳ କୋର୍ଟଙ୍କ ନିକଟରେ ଆବେଦନ କରିଛନ୍ତି।

## ଆର୍ଥିକ ବର୍ଷର କାର୍ଯ୍ୟଖସଡ଼ା ପ୍ରସ୍ତୁତ

ଡେଲାଙ୍ଗ,୭।୧୨(ଡି.ଏନ୍.ଏ.)

ଡେଲାଙ୍ଗ -କୋଠବାଡ଼ ପଞ୍ଚାୟତରେ ଗ୍ରାମସଭାରେ ବୁଧବାର ଜନ ଯୋଜନା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଯୋଜନା ଅଭିଯାନରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୧୪ଟି ୱାର୍ଡରେ ୫୩ଟି କାର୍ଯ୍ୟ ଖସଡ଼ା ପ୍ରକଳ୍ପ ପ୍ରସ୍ତୁତ ହୋଇଥିଲା। ସରପଞ୍ଚ ଦୀପକ ସାହୁ, ପିଇଓ ଲୋପାମୁଦ୍ରା ପଣ୍ଡା, ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ଦିଲୀପ ଷଡ଼ଙ୍ଗୀ, ଉପାଧକ୍ଷ ଦୁର୍ବାସା ନିଶଙ୍କ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ମୀନାରାୟଣ ଫାଉଣ୍ଡେଶନର ସ୍ୱନକ୍ଷତ୍ର ଉତ୍ସବ

ପୁରୀ ଅଫିସ, ୭।୧୨

ଲକ୍ଷ୍ମୀନାରାୟଣ ଫାଉଣ୍ଡେଶନର ୨ୟ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ଶଙ୍କରେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଫାଉଣ୍ଡେଶନର ଅଧକ୍ଷା ପୁଷ୍ପାଞ୍ଜଳି ମହାନ୍ତିଙ୍କ ଅଧକ୍ଷତାରେ 'ପିତୃ-ମାତୃ ସୁରକ୍ଷା ଓ ସମ୍ମାନ' ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଲେଖକ ପ୍ରମୋଦ ହରିଚନ୍ଦନ ଯୋଗଦେଇ କହିଥିଲେ, ମାତୃ -ପିତୃ କୃପା ହିଁ କେବଳମ୍। ଉଭୟଙ୍କ ସଂସ୍କାର, ଆଦର୍ଶ, ମାର୍ଗଦର୍ଶନ ଆମକୁ ଭଲ ମଣିଷ କରିବାରେ ବାଟ ଦେଖାଏ। ଅଧୁନା ସମାଜରେ ମା', ବାପାଙ୍କ ପ୍ରତି ସମ୍ମାନ ଓ ସେବାଭାବ ଦେଖିବାକୁ ମିଳୁନାହିଁ, ଯାହା ବିଡ଼ମ୍ବନା ବିଷୟ। ଆମର ସେମାନଙ୍କ ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱ ରହିବା ଉଚିତ୍ ବୋଲି ସେ କହିଥିଲେ। ଉପଦେଷ୍ଟା ଗୌରହରି ପଟ୍ଟନାୟକ ଯୋଗଦେଇ କହିଲେ, ମାତା ପିତାଙ୍କ ଆଶୀର୍ବାଦ ଅମୂଲ୍ୟ। ତାଙ୍କ ପ୍ରତି ଆମର ସେବା ଅବିରତ ରହିଲେ ପ୍ରତ୍ୟେକ କାର୍ଯ୍ୟରେ ସଫଳ ହେବା। ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଚନ୍ଦ୍ରମଣି ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନ ଆବାହକ ଆଇନ୍‌ଜୀବୀ ଭାଗବତ ପ୍ରସାଦ ପଟ୍ଟନାୟକ ଆଲୋଚନାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଆଲୋଚନାଚକ୍ରରେ ସନାତନ ପଟ୍ଟନାୟକ, ବାଦଲ ଦାସ, ଜ୍ୟୋତିରଞ୍ଜନ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ରାଜକିଶୋର ନାୟକ, ଛବିରାଣୀ ପଟ୍ଟନାୟକ, ସସ୍ମିତା ପଟ୍ଟନାୟକ, ପ୍ରମୋଦିନୀ ପଟ୍ଟନାୟକ, ଜିନିତା ପଟ୍ଟନାୟକ, ଆକାଂକ୍ଷା ପଟ୍ଟନାୟକ, ଶୁଭଶ୍ରୀ ପଟ୍ଟନାୟକ, ଦିବ୍ୟଜ୍ୟୋତି ପଟ୍ଟନାୟକ, ଦୋଳଗୋବିନ୍ଦ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ହରିହର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପୋଲିସ-ଜନତାଙ୍କ ମଧ୍ୟରେ ସୁସମ୍ପର୍କ ଆବଶ୍ୟକ

ନିମାପଡ଼ା,୭।୧୨(ଡି.ଏନ୍.ଏ.)

ପୋଲିସ ଆମ ବନ୍ଧୁ। ପୋଲିସ ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ, ଉତ୍ତମ ବୁଝାମଣା ରହିଲେ ଅପରାଧ ନିୟନ୍ତ୍ରଣ ହୋଇପାରିବ। ପୋଲିସ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ, ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଆମ ପୋଲିସ କାର୍ଯ୍ୟକ୍ରମର ମୂଳମନ୍ତ୍ର ବୋଲି ବରିଷ୍ଠ ପୋଲିସ ଅଧିକାରୀ ଓ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଲୋକେ ପ୍ରତ୍ୟେକ କ୍ଷେତ୍ରରେ ପୋଲିସକୁ ସହଯୋଗର ହାତ ବଢ଼ାଇବା ଆବଶ୍ୟକ ବୋଲି ଚାରିଛକ ଫାଣ୍ଡି ପୋଲିସ ପକ୍ଷରୁ ଆୟୋଜିତ ଆମ ପୋଲିସ କାର୍ଯ୍ୟକ୍ରମ ଓ ବରିଷ୍ଠ ନାଗରିକଙ୍କୁ ପରିଚୟ ପ୍ରଦାନ ସମାରୋହରେ ବରିଷ୍ଠ ପୋଲିସ ଅଧିକାରୀମାନେ ଯୋଗଦେଇ କହିଛନ୍ତି। ଅତିଥି ଭାବେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ, ଚାରିଛକ ଫାଣ୍ଡି ଅଧିକାରୀ ଶିଶିର ମହାନ୍ତି, ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚର ମୁଖ୍ୟ ସଂଯୋଜିକା ଡିଏସ୍‌ପି ମନୋବ୍ରତା ଶତପଥୀ, ପୁରୀ ଜିଲା 'ସଖୀ' ଅନୁଷ୍ଠାନର ସେଣ୍ଟର ଆଡ୍‌ମିନ୍ ବିଜୟଲକ୍ଷ୍ମୀ ବଡ଼ଜେନା, ଚାରିଛକ ମହର୍ଷି ମାୟାଧର ଦାଶ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶିକ୍ଷାବିତ୍ ଗୋପୀନାଥ କର, ଉପଦେଷ୍ଟା ଶିକ୍ଷାବିତ୍ ଡ. ସନ୍ତୋଷ ମିତ୍ର, ଅବସରପ୍ରାପ୍ତ ପ୍ରଶାସକ ଚନ୍ଦ୍ରକାନ୍ତ ଦଳେଇ, କେଦାରନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲା ପୋଲିସ ପ୍ରଶାସନ ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଚାରିଛକ ଅଞ୍ଚଳର ୮୦ ଜଣ ବରିଷ୍ଠ ନାଗରିକଙ୍କୁ ପ୍ରଥମ ପର୍ଯ୍ୟାୟରେ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଜନପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ଦେବାଶିଷ ମିଶ୍ର ଏବଂ ଅନ୍ୟମାନେ।

# 'ପ୍ରତିଯୋଗିତା ମନୋଭାବ ଉତ୍ସାହ ଆଣିଥାଏ'

### ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା

ନିମାପଡ଼ା/ଗୋପ/ ସାକ୍ଷୀଗୋପାଳ/ ଡେଲାଙ୍ଗ, ୭।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)

ନିମାପଡ଼ା ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଜବରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ଛାତ୍ରୀଛାତ୍ର ବିଜ୍ଞାନ ପ୍ରତି ଆକୃଷ୍ଟ ହୋଇ ଭବିଷ୍ୟତରେ ବୈଜ୍ଞାନିକ ହୋଇ ଦେଶର ଯଶ ରଖିବାକୁ ମନ୍ତ୍ରୀ ଦାଶ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ, ବିଇଓ ଦ୍ୱିତିକାନ୍ତ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଏବିଇଓ ସରୋଜିନୀ ମିଶ୍ର, ସୌଦିମିନୀ ଦାଶ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଛବିବାଳା ସେନାପତି ପ୍ରମୁଖ ଯୋଗଦେଇଥିଲେ। ମେଳାରେ ୧୬୧ ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିମଧ୍ୟରୁ ୫ଟି ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ଜିଲାସ୍ତରକୁ ମନୋନୀତ ହୋଇଛି। ଏହି ୫କୃତୀ ପ୍ରତିଭାଙ୍କୁ ମନ୍ତ୍ରୀ ଦାଶ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସେହିପରି



ଗୋପ ବିଜ୍ଞାନମେଳାରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଭିନ୍ନ ପ୍ରକଳ୍ପ ଦେଖୁଛନ୍ତି।



ନିମାପଡ଼ାଠାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ ଅନ୍ୟ ଅତିଥି ଏବଂ କୃତୀ ପ୍ରତିଯୋଗୀମାନେ।

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ପ୍ରତିଯୋଗିତା ମନୋଭାବ ରହିଲେ ଉତ୍ସାହ ଆପେ ଆସିଥାଏ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ଝୁନୁମଲ୍ଲିକ, ବିଇଓ ସୁଶିଲ ବ୍ରହ୍ମା, ଜିଲା ପରିଷଦସଭ୍ୟା ମୋନାଲିସା ସେଠୀ, ଗୋପ ସରପଞ୍ଚ ସୁଲୋଚନା ଦାସ, ସାମାଜିକ କର୍ମୀ ପୂନେଶ ସେନାପତି, ଅତିରିକ୍ତ ଶିକ୍ଷାଧିକାରୀ ଅଶୋକ ବେହେରା, ବେଣୁଧର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ମେଳାରେ ୧୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୫ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ମେଳାକୁ ଶିବଦତ୍ତ ନାୟକ, ବିଭୁଦତ୍ତ ନାୟକ, ଜଟାଧାରୀ ବେହେରା, ରବୀନ୍ଦ୍ରନାଥ ବାହାନୀପତି ପରିଚାଳନା କରିଥିଲେ। ଅନ୍ୟପଟେ ବିଜ୍ଞାନମେଳାରେ ସ୍କୁଲ ପ୍ରତିଷ୍ଠାତା ବନମାଳୀ ଦାଶଙ୍କୁ ଅଣଦେଖା କରାଯାଇଥିବା ନେଇ ଶେଖ୍ ଅବଦୁଲ ମେହେତାପ୍ ଅଭିଯୋଗ କରିଥିଲେ। ଏନେଇ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ, ଭୁଲବଶତଃ ଏପରି ହୋଇଛି ବୋଲି କହିଥିଲେ। ସେହିପରି ସତ୍ୟବାଦୀ ବ୍ଲକ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ଭବମ୍ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ସୁନୀଲ ପଣ୍ଡା, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଓ ତହସିଲଦାର ଜୟନ୍ତ ଜୟସିଂ ଅତିଥି ଭାବେ ଯୋଗଦେଇଥିଲେ। ସରପଞ୍ଚ ଆରାଧନା ସାମନ୍ତରାୟ, ସମିତିସଭ୍ୟ ଦୀପକ ଶତପଥୀ, ବ୍ଲକ ସହ ଶିକ୍ଷାଧିକାରୀ ପ୍ରଭାସ ଚନ୍ଦ୍ର କରଣ, ବିଦ୍ୟାଳୟ ଆଲୁମ୍ନି କମିଟି ସଭାପତି କିଶୋର ଚନ୍ଦ୍ର ମହାପାତ୍ର ଓ ପରିଚାଳନା କମିଟି ସଭାପତି ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ପ୍ରଦର୍ଶିତ ୮୨ଟି ପ୍ରକଳ୍ପ ମଧ୍ୟରୁ ୫ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଶିକ୍ଷକ ସୁନିଲ ବେହେରା ଧନ୍ୟବାଦ ଦେଇଥିଲେ।

ଡେଲାଙ୍ଗ ବ୍ଲକ ମହତାବ ଉଚ୍ଚ ବିଦ୍ୟାଳୟରେ ୨୬ତମ ମଣ୍ଡଳସ୍ତରୀୟ ବିଜ୍ଞାନମେଳାରେ ୫ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ୧୭୬ ବିଦ୍ୟାଳୟର ୧୬୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ମେଳାକୁ ବିଡିଓ ଦିଲୀପ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏବିଇଓ ଯୁଧିଷ୍ଠିର ପରିଡ଼ାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧକ୍ଷା ବାସନ୍ତି ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, କିଟ୍ ବିଜ୍ଞାନ ମହାବିଦ୍ୟାଳୟ ଉପାଧକ୍ଷ ରୁଦ୍ରମୋହନ ନନ୍ଦ, ମଣ୍ଡଳ ବିଜ୍ଞାନ ସାଂସଦ ସମ୍ପାଦକ ଉମେଶଚନ୍ଦ୍ର ଦାଶ ଯୋଗଦେଇଥିଲେ। ଶିକ୍ଷକ ଉମେଶ ଚନ୍ଦ୍ର ଦାଶ, ଆଶିଷ ମଲ୍ଲିକଙ୍କୁ ଶିକ୍ଷକ ଗୌରବ, କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନାଙ୍କୁ କ୍ରୀଡ଼ା ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗତ ମାଟ୍ରିକ୍ ପରୀକ୍ଷାରେ ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ରାଧାମୋହନ ଉଚ୍ଚ ବିଦ୍ୟାପୀଠର ଛାତ୍ର ଆଦିତ୍ୟ ନାୟକଙ୍କୁ ଛାତ୍ର ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୮ ଡିସେମ୍ବର, ୨୦୨୨



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସ୍ୱତନ୍ତ୍ର ହସ୍ତତନ୍ତ୍ର ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ବାର୍ଷିକ ସଙ୍ଗୀତ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ଶ୍ରୀହନୁମାନ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ଜୟପୁର (ବ୍ରାହ୍ମଣ ଶାସନ), ସକାଳ ୯ଟା।
- ୧୬ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି, ବେଣୁପୁର ରାମଲୀଳା ପଡ଼ିଆ, ଅପରାହ୍ନ ୫ଟା।

କଟକ
- ମଶା ଉପଦ୍ରବ ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ, ସିଏମ୍‌ସି ଅଫିସ ସମ୍ମୁଖ, ଚୌଧୁରୀବଜାର, ପୂର୍ବାହ୍ନ ୧୧ଟା।

ବଡ଼ମ୍ବା
- ରାତାପାଟ ଗ୍ରାମରେ ୮ ଦିନିଆ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଆରମ୍ଭ, ରତାପାଟ, ସନ୍ଧ୍ୟା ୭ଟା।
- ୩୮ ଗୋଟି ଗ୍ରାମପଞ୍ଚାୟତରେ ଗ୍ରାମସଭା, ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

# ଅର୍ଚ୍ଚନାଙ୍କଠୁ ସତ ଓଗାଳୁଛି ଇଡି

## ବେଆଇନ ଅର୍ଥ କାରବାର ମାମଲା

- ରିମାଣ୍ଡର ଦ୍ୱିତୀୟ ଦିନରେ ମାରାଥନ୍ ଜେରା
- ବଡ଼ବଡ଼ିଆ ଛାନିଆ, ଦ୍ୱିତୀୟ ଥର ଆର୍କିଟେକ୍ଟଙ୍କୁ ଜେରା
- ଡିସେମ୍ବର ୧୩ରେ କୋର୍ଟରେ ହାଜର ହେବେ ଜଗବନ୍ଧୁ

ଭୁବନେଶ୍ୱର, ୭।୧୨ (ବ୍ୟୁରୋ)



ବହୁଚର୍ଚ୍ଚିତ ବ୍ଲାକ୍‌ମେଲର୍ ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାରର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହାର ତଦନ୍ତକୁ ଅଧିକ ଜୋରଦାର କରିଛି। ମାମଲାରେ ମୁଖ୍ୟ ଅଭିଯୁକ୍ତା ଅର୍ଚ୍ଚନା ନାଗଙ୍କୁ ମଙ୍ଗଳବାରଠାରୁ ୭ ଦିନିଆ ରିମାଣ୍ଡରେ ନେଇ ଇଡି ତାଙ୍କଠୁ ସତ ଓଗାଳିବାକୁ ଚେଷ୍ଟା କରୁଛି। ବୁଧବାର ଦ୍ୱିତୀୟ ଦିନରେ ଇଡି ଅର୍ଚ୍ଚନାଙ୍କୁ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରିଥିବା ଜଣାପଡ଼ିଛି। ରିମାଣ୍ଡର ପ୍ରଥମ ଦିନରେ ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ କରିବାକୁ ଅର୍ଚ୍ଚନାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ ନିଆଯାଇଥିବାବେଳେ ସେ ଗଣମାଧ୍ୟମ ଆଗରେ ଦେଇଥିବା ବୟାନକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଅର୍ଚ୍ଚନା କି ପ୍ରମାଣ ରଖିଛନ୍ତି, ତାଙ୍କୁ ଫସାଇଥିବା ବ୍ୟକ୍ତିମାନେ କିଏ, ୫ ବର୍ଷରେ କୋଟି କୋଟି ଟଙ୍କା କେଉଁଠୁ ଆଣିଲେ, ଆଲିସାନ୍ ଘର ନିର୍ମାଣ ପାଇଁ କେଉଁଠୁ ଆଣିଲେ ଟଙ୍କା, ହନିଟ୍ରାପ କରାଯାଇ ନେତାମନ୍ତ୍ରୀଙ୍କଠୁ ଆସିଛି କି ଟଙ୍କା, ଶ୍ରଦ୍ଧାଞ୍ଜଳି ଓ ଅକ୍ଷୟ ପରିଜାଙ୍କ ସହ ଆର୍ଥିକ କାରବାର ହୋଇଛି କି? ଏଭଳି ବିଭିନ୍ନ ଦିଗକୁ ନେଇ ଇଡି ତାଙ୍କଠୁ ତଥ୍ୟ ହାସଲ କରିବାକୁ ଚେଷ୍ଟା କରୁଛି। ମଙ୍ଗଳବାର ଅର୍ଚ୍ଚନା କହିଥିଲେ ଯେ, ଯଦି ସେ ମୁହଁ ଖୋଲିବେ, ତେବେ ସାରା ରାଜ୍ୟ ଦୋହଲିଯିବ। ଅର୍ଚ୍ଚନାଙ୍କ ପାଖେ ଏଭଳି କି ତଥ୍ୟ ଅଛି ଯେ, ତାହା ପାଇଁ ରାଜ୍ୟ ଦୋହଲିଯିବ। ସେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଛନ୍ତି କି। ଏହାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ହନିଟ୍ରାପର ଶିକାର ହୋଇଥିବା ବଡ଼ବଡ଼ିଆମାନେ ଛାନିଆ ହୋଇଯାଇଛନ୍ତି। ସେମାନଙ୍କ ନାଁ ଇଡି ପାଖରେ ଅର୍ଚ୍ଚନା କହିପାରନ୍ତି ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଜେଲରେ ଥିବା ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ବୁଧବାର କୋର୍ଟରେ ହାଜର ହେବେ ବୋଲି କୁହାଯାଉଥିଲା। ହେଲେ ସେ କୋର୍ଟରେ ହାଜର ହୋଇନାହାନ୍ତି। ଜଗବନ୍ଧୁ ଆସନ୍ତା ୧୩ରେ କୋର୍ଟରେ ହାଜର ହେବେ ବୋଲି ଜଣାପଡ଼ିଛି। ଜଗବନ୍ଧୁଙ୍କୁ ହାଜର ସମୟରେ ଇଡି ତାଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରିପାରେ ବୋଲି ସୂଚନା ମିଳିଛି।

ଏପଟେ ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଆଲିଶାନ୍ ଘରର ଆର୍କିଟେକ୍ଟ ରଞ୍ଜିତ ବେହେରାଙ୍କୁ ଇଡି ମଙ୍ଗଳବାର ଜେରା ୧୨ ଘଣ୍ଟା ଜେରା କରିବା ପରେ ବୁଧବାର ମଧ୍ୟ ଦ୍ୱିତୀୟ ଥର ପାଇଁ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜେରା କରିଛି। ଏପରିକି ଅର୍ଚ୍ଚନାଙ୍କ ସହ ତାଙ୍କୁ ମୁହାଁମୁହିଁ ଜେରା କରାଯାଇଥିବା ସୂଚନା ମିଳିଛି। ଘରେ ଖର୍ଚ୍ଚ ହୋଇଥିବା ସମସ୍ତ ତଥ୍ୟକୁ ଇଡିକୁ ଦେଇଥିବା ରଞ୍ଜିତ କହିଛନ୍ତି। ତେବେ ଏହି ୭ ଦିନ ରିମାଣ୍ଡ ଅବଧି ସମୟରେ ଅର୍ଚ୍ଚନାଙ୍କଠୁ ଇଡି କି ଗୁମର କଥା ହାସଲ କରିପାରୁଛି ତାହାକୁ ନେଇ ସମସ୍ତଙ୍କ ନଜର ରହିଛି।




ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ ଦାବି ପୂରଣ ହେଉ ନ ଥିବାରୁ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣା ସ୍ଥଳରେ ବାଜା ବଜାଇ ଅଭିନବ ପ୍ରତିବାଦ କରାଯାଉଛି।

## ଭାରତୀୟ ଉପନ୍ୟାସକୁ ସୁରେନ୍ଦ୍ର ମହାନ୍ତିଙ୍କ ଅବଦାନ ସ୍ମରଣୀୟ

**ଭୁବନେଶ୍ୱର, ୭।୧୨(ବ୍ୟୁରୋ):** ଆମ ଚାରିପାଖରେ ପୃଥିବୀକୁ ଆମେ ଚିରାଚରିତ ଆଖିରେ ଦେଖିଥାଉ। ସେଥିରୁ ମୁକ୍ତହୋଇ ଏକ ଅନଭ୍ୟସ୍ତ ଏବଂ ନୂଆ ଦୃଷ୍ଟି ନେଇ ବିଶ୍ୱସ୍ତରୀୟ ସୌନ୍ଦର୍ଯ୍ୟ କି ଚାରିପାଖରେ ଥିବା ଯାହା ବି କିଛି ଦେଖିଲେ ତାକୁ ଆମେ ଠିକ୍ ଭାବେ ଅନୁଭବ କରିପାରିବା। ଏହା ସହ ସମ୍ବନ୍ଧିତ ହୋଇପାରିବା, ନୂତନ ଅର୍ଥ ଉନ୍ମୋଚିତ କରିପାରିବା ବୋଲି ହରିଆଣାର ଅଶୋକା ବିଶ୍ୱବିଦ୍ୟାଳୟର ପ୍ରଫେସର ଅମିତ୍ ଚୌଧୁରୀ ପ୍ରକାଶ କରିଥିଲେ। ବୁଧବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସଂସ୍କୃତି ଭବନରେ ସୁରେନ୍ଦ୍ରନାଥଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ 'ଆଧୁନିକତା ବନାମ ଆଧିଭୌତିକତା' ଶୀର୍ଷକ ସ୍ମାରକୀ ବକ୍ତୃତାରେ ଯୋଗଦେଇ ସେ କହିଲେ, ଭାରତୀୟ ଉପନ୍ୟାସ ତଥା କଥା ସାହିତ୍ୟକୁ ସୁରେନ୍ଦ୍ର ମହାନ୍ତିଙ୍କ ଅବଦାନ ସ୍ମରଣୀୟ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗର ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ଉଚ୍ଚଶିକ୍ଷା ସହ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ମାସିକ ପାଠ୍ୟଚକ୍ର ଆୟୋଜନ କରାଯିବାର ବ୍ୟବସ୍ଥା କରାଯିବ, ଯାହା ପାଇଁ ଆଗାମୀ ପିଢ଼ି ମହାନ୍ତିଙ୍କ ପରି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ କୃତୀ ସମ୍ପର୍କରେ ଜାଣିବାକୁ ପାଇବା ସହ ସେମାନଙ୍କ ନିକଟବର୍ତ୍ତୀ ହୋଇପାରିବେ। ଉତ୍କଳ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ ସୁରେନ୍ଦ୍ର ମହାନ୍ତିଙ୍କ ସମ୍ପର୍କରେ କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହଲେ, ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ବିଶେଷ ଭାବେ ବୌଦ୍ଧ ଧର୍ମ ସଂକ୍ରାନ୍ତୀୟ ଏବଂ ଏହା ପ୍ରଭାବଶାଳୀ। ଏକାଡେମୀ ସଭାପତି ଡ. ହୃଷିକେଶ ମଲ୍ଲିକ କହିଲେ, ୧୯୬୪ ମସିହା ପାଖାପାଖି ସୁରେନ୍ଦ୍ର ମହାନ୍ତି ଲେଖିଥିବା ୩ଟି ସର୍ବୋତ୍କୃଷ୍ଟ ଉପନ୍ୟାସ ଜାତୀୟ ଆନ୍ଦୋଳନ ସହିତ ସାମାଜିକ ଓ ରାଜନୈତିକ ଚିନ୍ତାଧାରାର ଥିଲା। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଓ ଉପ ସଭାପତି ଡ. ସଂଗ୍ରାମ ଜେନା ଧନ୍ୟବାଦ ଦେଇଥିଲେ।

## ଠକେଇ ଅଭିଯୋଗକୁ ଖଣ୍ଡନକଲେ ବର୍ଷା

- ଭୁବନେଶ୍ୱର ଡିସିପିଙ୍କୁ ଭେଟିଲେ
- ମୋ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି:ବର୍ଷା

ଭୁବନେଶ୍ୱର,୭।୧୨ (ବ୍ୟୁରୋ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଚାକିରି ଦେବାକୁ କହି ଜଣେ ମହିଳାଙ୍କୁ ୩୦ ହଜାର ଟଙ୍କା ଠକିବା ଅଭିଯୋଗକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ହେଲେ ବର୍ଷା ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଘଟଣା ସଂକ୍ରାନ୍ତରେ ବୁଧବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟି ତାଙ୍କ ନାଁରେ ମିଥ୍ୟା ଅଭିଯୋଗ ହୋଇଥିବା କହିଛନ୍ତି। ତେବେ ସମସ୍ତ ପ୍ରମାଣ ତଦନ୍ତକାରୀ ଅଧିକାରୀଙ୍କୁ ଦେବାକୁ ବର୍ଷାଙ୍କୁ ଡିସିପି ସିଂ କହିଛନ୍ତି। ଏଥିସହ ବର୍ଷା ତାଙ୍କ ଫେସ୍‌ବୁକ୍ ପେଜ୍‌ରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ମୋ ନାଁରେ ଯେଉଁମାନେ ଷଡ଼ଯନ୍ତ୍ର କରିଛନ୍ତି, ସେମାନଙ୍କ ବିରୋଧରେ ଆଇନର ଦ୍ୱାରସ୍ଥ ହେବି। ଶହୀଦନଗର ଥାନାରେ ସତ୍ୟକାଳୀ ବସ୍ତିରେ ରହୁଥିବା କଲ୍ୟାଣୀ ନାମ୍ନୀ ମହିଳା ବର୍ଷାଙ୍କ ନାମରେ ଉକ୍ତ ଠକେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ୪ ମାସ ତଳେ ଜନତା ମଇଦାନରେ ବର୍ଷାଙ୍କୁ ଭେଟିଥିଲେ କଲ୍ୟାଣୀ। ହେଲେ ବର୍ଷା ସମୟ ନ ଥିବା କହିବା ସହ ସାଙ୍ଗରେ ଥିବା ସହଯୋଗୀ ଆୟୁଷୀ ପ୍ରିୟଦର୍ଶିନୀଙ୍କ ସହ କଥା ହେବାକୁ କଲ୍ୟାଣୀଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ଆୟୁଷୀ କଲ୍ୟାଣୀଙ୍କୁ ଏକ ପ୍ରତିଷ୍ଠିତ ସୁନା ଦୋକାନରେ ଚାକିରି କରାଇ ଦେବାକୁ କହିବା ସହ ଏଥିପାଇଁ ବର୍ଷାଙ୍କ ଆକାଉଣ୍ଟଙ୍କୁ ଟଙ୍କା ପଠାଇବାକୁ କହିଥିଲେ। ଗତ ଜୁଲାଇ ୨୭ରେ ବର୍ଷାଙ୍କ ଆକାଉଣ୍ଟକୁ କଲ୍ୟାଣୀ ୩୦ ହଜାର ପଠାଇଥିଲେ। ଚାକିରି ନ ଦେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ରୁଜୁ କରି ତଦନ୍ତ କରିବାକୁ କୋର୍ଟଙ୍କ ପକ୍ଷରୁ ଶହୀନଗର ଥାନାକୁ ଚିଠି ଆସିଥିଲା। ପରେ ପୋଲିସ ବର୍ଷା, ସହଯୋଗୀ ଆୟୁଷୀ ଓ ଜଣେ ସୁନା ଦୋକାନୀଙ୍କ ନାଁରେ ମାମଲା (ନଂ ୫୬୫/୨୨) ରୁଜୁ କରିଛି। ଥାନାଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି, ଭୁଲ୍‌ରେ ଟଙ୍କା ଆସିଥିବା ଭାବି ଉକ୍ତ ଆକାଉଣ୍ଟକୁ ୩୦ ହଜାର ଟଙ୍କା ଫେରାଇ ଦେଇଥିବାର ଟ୍ରାଞ୍ଜାକ୍ସନ ଦସ୍ତାବିଜ୍ ବର୍ଷା ଦେଇଛନ୍ତି। ମାମଲାର ସତ୍ୟତା ଜାଣିବାକୁ ଅଧିକ ତଦନ୍ତ କରାଯାଉଥିବା ସେ କହିଛନ୍ତି।

# ପାଚେରି ଡେଇଁ ବାହାରକୁ ଆସିଲା ସିଂହ ଛୁଆ

- ଖେଳିବାକୁ ଛାଡ଼ି ଚାଲିଯାଇଥିଲେ କର୍ମଚାରୀ
- ୪୫ ମିନିଟ୍ ପରେ ଉଦ୍ଧାର

ବାରଙ୍ଗ,୭।୧୨(ଡି.ଏନ୍.ଏ.)



ପ୍ରାଣୀ ଉଦ୍ୟାନ ନନ୍ଦନକାନନ ବିବାଦର ପିଛା ଛାଡୁ ନ ଥିବାବେଳେ ଏବେ ପୁଣି ଏକ ନୂଆ ବିବାଦରେ ଛନ୍ଦି ହୋଇଯାଇଛି। ବୁଧବାର ଲାଳନପାଳନ କେନ୍ଦ୍ରରେ ରହି ବଢୁଥିବା ସିଂହ ଛୁଆ କାମିନୀ ପାଇଁ ଜନ୍ତୁ ବିଭାଗର ଚିନ୍ତା ବଢ଼ିଯାଇଛି। ଲାଳନପାଳନ କେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ଓ ପ୍ରାଣୀ ବିଭାଗର ଖାମଖିଆଲ ନୀତି ଯୋଗୁ କାମିନୀ ବଗିଚାରେ ଖେଳୁଥିବାବେଳେ ପାଚେରି ଡେଇଁ ବାହାରକୁ ଚାଲିଯାଇଥିଲା। ଏପରି କି କର୍ମଚାରୀମାନଙ୍କ ନଜରକୁ ଏହା ଆସି ନ ଥିବାବେଳେ ପ୍ରାୟ ୪୫ ମିନିଟ ପରେ ଘଟଣା ବିଷୟରେ ଜାଣି ତାକୁ ଖୋଜି ଉଦ୍ଧାର କରାଯାଇଛି।

ପ୍ରକାଶ ଯେ, ଡାକ୍ତରଖାନା ପଛପଟେ ରହିଛି ଲାଳନପାଳନ କେନ୍ଦ୍ର। ଜଣେ ଅସ୍ଥାୟୀ କର୍ମଚାରୀ ହାତକୁ ଏହା ଟେକିଦେଇ ପ୍ରାଣୀ ବିଭାଗ ଠିକାଦାରି କାମରେ ଲାଗିପଡିଛି। ଏହି କର୍ମଚାରୀ ଜଣଙ୍କ ବୁଧବାର ଦ୍ୱିପ୍ରହର ସମୟରେ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର ସମ୍ମୁଖରେ ଥିବା ଛୋଟ ବଗିଚାରେ ସିଂହ ଛୁଆ କାମିନୀ ଓ ବାଘଛୁଆ ହିମାଂଶୀକୁ ଖେଳିବାକୁ ଛାଡ଼ିଦେଇଥିଲେ। କିଛି ସମୟ ପରେ ଅଳିଆ ପକାଇବାକୁ ସେହି ରାସ୍ତାରେ ଆସୁଥିବା ଏକ ଟ୍ରାକ୍ଟରର ଚକ ଖାଲରେ ପଡ଼ିଯିବାର ଶବ୍ଦ ହୋଇଥିଲା। ଏଥିରେ ଭୟଭୀତ ହୋଇ କାମିନୀ ବଗିଚାର ଛୋଟ ପାଚେରି ଡେଇଁ ବାହାରକୁ ଚାଲିଯାଇଥିବାବେଳେ ହିଂମାଶୀ ରହଣିସ୍ଥାନକୁ ପଳାଇଥିଲା। ଏହି ଦୁଇ ବନ୍ୟପ୍ରାଣୀ ଛୁଆକୁ ଖେଳିବାକୁ ଛାଡ଼ି ନିଜ କାମରେ ଯାଇଥିବା କର୍ମଚାରୀ ଜଣଙ୍କ ଆସି ଦେଖିବାବେଳକୁ ଦୁଇଟିଯାକ ଛୁଆ ବଗିଚାରେ ନ ଥିଲେ। ଏହାପରେ ହିଂମାଶୀକୁ ରହିବାଘରେ ପାଇଥିବାବେଳେ କାମିନୀକୁ ନ ପାଇ ଚିନ୍ତା ବଢିଯାଇଥିଲା। ବହୁ ଖୋଜାଖୋଜି କରି ନିରାଶ ହେବା ପରେ ପ୍ରାଣୀ ବିଭାଗକୁ ଖବର ଦେଇଥିଲେ। ଏହାପରେ ପ୍ରାଣୀ ବିଭାଗର କର୍ମଚାରୀମାନେ ଆସି ଖୋଜିବାର ପ୍ରାୟ ୪୫ମିନିଟ ପରେ ଜନ୍ତୁ ଖାଦ୍ୟସଂଗ୍ରହ ଘର ପଛପଟ ଜଙ୍ଗଲକୁ ସଫା କରି ଏକ ଗଛମୂଳରେ ଲୁଚିଥିବା ସିଂହ ଛୁଆ କାମିନୀକୁ ଉଦ୍ଧାର କରାଯାଇଥିଲା। ଏହି ସମୟରେ ୩ଜଣ ମହିଳା ପର୍ଯ୍ୟଟକ ଭୁଲବଶତଃ ଡାକ୍ତରଖାନା ପାର୍ଶ୍ୱ ରାସ୍ତାରେ ପଶିଯାଇଥିବାବେଳେ ସିଂହଛୁଆଟି ବାହାରେ ଦୌଡ଼ି ଯିବାର ଦେଖି ଭୟରେ ସେଠାରୁ ଆସି କିଛି ଦୂରରେ ଥିବା ଜଣେ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। କର୍ମଚାରୀ ଜଣଙ୍କ ମହିଳାଙ୍କ କଥାକୁ ସହଜରେ ବିଶ୍ୱାସ କରି ନ ଥିବାବେଳେ ଶେଷରେ କାମିନୀକୁ ଖୋଜିବାରେ ମହିଳା ପର୍ଯ୍ୟଟକଙ୍କ ସୂଚନା କାମରେ ଲାଗିଥିଲା। ତେବେ ଏକ ବଡ଼ ବିବାଦରୁ ନନ୍ଦନକାନନ ବର୍ତ୍ତିଯାଇଥିବାବେଳେ ଅସ୍ଥାୟୀ କର୍ମଚାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଦେଇ କାମ ସାରିଦେଉଥିବାର ଏହା କୁପରିଣାମ ବୋଲି ଚର୍ଚ୍ଚା ଜୋର ଧରିଛି।

## ନନ୍ଦନକାନନରେ ବଜ୍ରକାପ୍ତା ମୃତ୍ୟୁ

**ବାରଙ୍ଗ,୭।୧୨(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରାଣ୍ଟାଇନରେ ଚିକିତ୍ସାଧୀନ ଥିବା ୫ ବର୍ଷର ମାଈ ବଜ୍ରକାପ୍ତା ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ୭ ଦିନ ହେବ ଅସୁସ୍ଥ ଥିଲା। ଖାଦ୍ୟ ଠିକ୍‌ରେ ଖାଉ ନ ଥିଲା। ମୃତ ବଜ୍ରକାପ୍ତା ଗତମାସ ୨୩ ତାରିଖରେ ଟାଙ୍ଗୀ ୱାଇଲ୍ଡ ଲାଇଫ୍‌ର ଚିଲିକା ଡିଭିଜନରୁ ଏସ୍‌ଟିଏଫ୍ ଦ୍ୱାରା ଜବତ ହୋଇ ନନ୍ଦନକାନନ ଆସିଥିଲା। ଏହି ବଜ୍ରକାପ୍ତାର ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ୨୭କୁ ହ୍ରାସ ପାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରଶ୍ମିତା



@ ଦେବାଶିଷ



@ ମାନେଶ୍ୱରୀ



@ କାଜଲ



@ ଶୁଭଶ୍ରୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ମାସିକ ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କା ସହ ୯ ଦଫା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ବୁଧବାର ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ।



ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କଣ୍ଟ୍ରୋଲ ନିୟମ ଧାରା ୪ ଓ ୬ ଉଚ୍ଛେଦ ସହ ବିଭିନ୍ନ ଦାବିରେ ସର୍ବଭାରତୀୟ ଡିଲର୍ସ ଫେଡେରେଶନ ପକ୍ଷରୁ ବୁଧବାର ଭୁବନେଶ୍ୱରରେ ବିକ୍ଷୋଭ।

